ବର୍ଷ-୨୫, ସଂଖ୍ୟା-୬୪
ଭୁବନେଶ୍ୱର
୦୬, ମାର୍ଚ୍ଚ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 64
Bhubaneswar
06, March, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଫାଇନାଲରେ
ଭାରତ-ନ୍ୟୁଜିଲାଣ୍ଡ
ମୁକାବିଲା




### ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୩(ମହାଭାରତ):** ବିଜୁବାବୁ ଥିଲେ ଓଡିଶାର ପଥ ପ୍ରଦର୍ଶକ। ବିଜୁ ବାବୁଙ୍କ ପ୍ରତ୍ୟେକଟି ପଦକ୍ଷେପ ଆମକୁ ପ୍ରେରଣା ଦେଉଛି। ଓଡିଶା ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ ଏବଂ ତାକୁ ପୂରଣ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ। ଓଡିଶାର ଶିଳ୍ପାୟନ, ମହିଳାମାନଙ୍କ ସଶକ୍ତିକରଣ ଥିଲା ତାଙ୍କର ସ୍ୱପ୍ନ। ବିଜୁବାବୁଙ୍କ ସ୍ୱପ୍ନ ଓ ଆମ ସରକାରଙ୍କ କାର୍ଯ୍ୟକ୍ରମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ବିଜୁ ବାବୁ ସମୃଦ୍ଧ ଓଡିଶା ଗଠନ ପାଇଁ ଚିନ୍ତା କରିଥିଲେ। ଆଜି ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛି। ବିଜୁ ବାବୁ ଓଡିଶା ପାଇଁ ଯେଉଁସବୁ ସ୍ୱପ୍ନ ଦେଖିଥିଲେ, ତାକୁ ଆମ ସରକାର ପୂରଣ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜୟଦେବ ଭବନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଏହା କହିଛନ୍ତି।




ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ଶିଳ୍ପ କ୍ଷେତ୍ରକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେ ନିଜେ ଅନେକ କାରଖାନା ପ୍ରତିଷ୍ଠା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁ ଗୁଡିକୁ ସରକାରଙ୍କୁ ଦେଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଧହୁଏ ଏଭଳି ନିଷ୍ପତ୍ତି ନେବାରେ, ସେ ଥିଲେ ବିଶ୍ୱର ଏକମାତ୍ର ବ୍ୟକ୍ତିତ୍ୱ।

ଓଡିଶାକୁ ଶିଳ୍ପ କ୍ଷେତ୍ରରେ, ପଞ୍ଚାୟତିରାଜ କ୍ଷେତ୍ରରେ, ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଚିନ୍ତାଧାରା ଥିଲା ଅନନ୍ୟ। ଆଜି ଆମ ସରକାର ବିଜୁ ବାବୁଙ୍କ ସେହି ପଥକୁ ଅନୁସରଣ କରୁଛି। ତାଙ୍କ ମାର୍ଗରେ ପରିଚାଳିତ ହୋଇ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ବିଜୁ ବାବୁଙ୍କ ମହିଳା ସଶକ୍ତିକରଣର ସ୍ୱପ୍ନକୁ ସାକାର କରିବାକୁ ଯାଉଛୁ। ଗାଁର ବିକାଶରେ ରାଜ୍ୟର ବିକାଶ। ଏହା ଥିଲା ବିଜୁ ବାବୁଙ୍କ ମତ। ସେଥିପାଇଁ ସେ ନାରା ଦେଇଥିଲେ, ଗାଁ କୁ କାମ, ମା କୁ ସମ୍ମାନ। ଯଦି ବିଜୁ ବାବୁଙ୍କ ଏହି ଉକ୍ତି ଉପରେ ସଠିକ୍ କାମ ହୋଇଥାନ୍ତା, ତେବେ ଆମେ ନିଶ୍ଚିତ ଭାବେ ବହୁ ଆଗକୁ ଯାଇପାରିଥାନ୍ତେ ଏବଂ ଗାଁର ଅର୍ଥନୀତି ସୁଦୃଢ ହୋଇପାରିଥାନ୍ତା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଯେଉଁମାନେ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରଚାର କରୁଥିଲେ, ସେମାନେ ଏହାକୁ ବାସ୍ତବରେ କାର୍ଯ୍ୟକାରୀ କଲେ ନାହିଁ। ଆଜି ଆମେ ଗାଁର ବିକାଶ ପାଇଁ ଯାହା ଆବଶ୍ୟକ, ତାକୁ ସବୁ କରୁଛୁ ଏବଂ ଆଗାମୀ ଦିନରେ ମଧ୍ୟ କରିବୁ।ଏଥିପାଇଁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା କାର୍ଯ୍ୟକାରୀ କରାଯାଇ ୫ ବର୍ଷରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଜରିଆରେ ବିଜୁ ବାବୁଙ୍କ ଗାଁର ବିକାଶ ସ୍ୱପ୍ନ ପୂରଣ ହୋଇପାରିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ପାଇଛୁ। ଆଗାମୀ ଦିନରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ଆମର ଉଦ୍ୟମକୁ ଆହୁରି ଯୋରଦାର କରାଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଜୁ ବାବୁଙ୍କ ଦୃଢ ବିଶ୍ୱାସ ଥିଲା ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ପଞ୍ଚାୟତ ପ୍ରତିନିଧି ବା ସରପଞ୍ଚ ମାନଙ୍କୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ଦୃଷ୍ଟିରେ ଦେଖୁଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ଘଟଣା ଉପରେ ସରକାର ପଦକ୍ଷେପ ନେଇ ୩ ଜଣଙ୍କୁ ଗିରଫ କରାଯାଇଛି।

ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା କଳିଙ୍ଗ ଫୁଟବଲ କପ୍ ପୁନର୍ବାର ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ବିଜୁ ବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ୟୁନେସ୍କୋ କଳିଙ୍ଗ ପୁରସ୍କାର ପ୍ରଦାନ ଜାରି ରହିବ ବୋଲି କହିଥିଲେ। ଏହି ଅବସରରେ ବିଜୁ ବାବୁଙ୍କ ଜୀବନୀ ସଂପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ କରିଥିଲେ।

# କେଦାରନାଥ-ସୋନପ୍ରୟାଗ ମଧ୍ୟରେ ରୋପୱେ

**ନୂଆଦିଲ୍ଲୀ,୫।୩(ମହାଭାରତ):** ଆଜି କେନ୍ଦ୍ର କ୍ୟାବିନେଟ ବୈଠକରେ ଉତ୍ତରାଖଣ୍ଡକୁ ଏକ ବଡ଼ ଉପହାର ମିଳିଛି। କେନ୍ଦ୍ରର ମୋଦି ସରକାର ଉତ୍ତରାଖଣ୍ଡର କେଦାରନାଥ ଧାମ ପାଇଁ ରୋପୱେ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ସୋନପ୍ରୟାଗରୁ କେଦାରନାଥ ପର୍ଯ୍ୟନ୍ତ ୧୨.୯ କିଲୋମିଟର ରୋପୱେ ନିର୍ମାଣ କରାଯିବ, ଯେଉଁଥିରେ ୪୦୮୧ କୋଟି ଟଙ୍କା ଖର୍ଚ୍ଚ ହେବ। ନ୍ୟାଶନାଲ ହାଇୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଏହାକୁ ନିର୍ମାଣ କରିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ବର୍ତ୍ତମାନ ୮-୯ ଘଣ୍ଟାରେ ସମାପ୍ତ ହେଉଥିବା ଯାତ୍ରା ୩୬ ମିନିଟ୍‌କୁ ହ୍ରାସ ପାଇବ। ଏଥିରେ ୩୬ ଜଣଙ୍କ ବସିବା କ୍ଷମତା ରହିବ।



ଦୁଇଟି ରୋପ୍‌ୱେ ପ୍ରୋଜେକ୍ଟକୁ କ୍ୟାବିନେଟ୍ ମଞ୍ଜୁରୀ

କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଚାରିଧାମ ଯାତ୍ରାକୁ ପ୍ରୋତ୍ସାହିତ କରିବ, ଯାହା ସ୍ଥାନୀୟ ବ୍ୟବସାୟଗୁଡ଼ିକୁ ଲାଭ ଦେବ ଏବଂ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ ଏହା ସମ୍ପୂର୍ଣ୍ଣ ଛଅ ମାସ ପାଇଁ ତୀର୍ଥଯାତ୍ରୀଙ୍କ ନିରନ୍ତର ପରିବହନ ସୁନିଶ୍ଚିତ କରିବ, ଯାହା ଦ୍ୱାରା ପ୍ରଥମ ଦୁଇ ମାସରେ ସମ୍ବଳ ଉପରେ ଅତ୍ୟଧିକ ଚାପ ହ୍ରାସ ପାଇବ କେବଳ ଏତିକି ନୁହେଁ, ଯାତ୍ରା ଋତୁରେ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଇବ।କେଦାରନାଥ ରୋପ ୱେ ପ୍ରକଳ୍ପ ଉତ୍ତରାଖଣ୍ଡ ରୋପୱେ ଆଇନ ୨୦୧୪ ଅନୁଯାୟୀ କାର୍ଯ୍ୟ କରିବ, ଯାହା ଲାଇସେନ୍ସିଂ, କାର୍ଯ୍ୟର ତଦାରଖ, ସୁରକ୍ଷା ଏବଂ ଭଡ଼ା ନିର୍ଦ୍ଧାରଣ ପାଇଁ ଆଇନଗତ ଢାଞ୍ଚା ପ୍ରଦାନ କରେ।

ଦ୍ୱିତୀୟ ପ୍ରକଳ୍ପ ହେଉଛି ଗୋବିନ୍ଦଘାଟରୁ ହେମକୁଣ୍ଡ ସାହିବ ଜି ପର୍ଯ୍ୟନ୍ତ ୧୨.୪ କିଲୋମିଟର ରୋପୱେ ପ୍ରକଳ୍ପ ନିର୍ମାଣ। ୨,୭୩୦.୧୩ କୋଟି ଟଙ୍କାର ପୁଞ୍ଜି ବ୍ୟୟରେ ଡିଜାଇନ୍, ବିଲ୍ଡ, ଫାଇନାନ୍ସ, ଅପରେଟ ଆଣ୍ଡ ଟ୍ରାନ୍ସଫର (ଡିବିଏଫଓଟି) ମୋଡରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ବର୍ତ୍ତମାନ ହେମକୁଣ୍ଡ ସାହିବ ଜି ଯାତ୍ରା ଗୋବିନ୍ଦଘାଟଠାରୁ ୨୧ କିଲୋମିଟର ଉଚ୍ଚ ପଦଯାତ୍ରା ଏବଂ ଏହା ପାଦରେ କିମ୍ବା ପୋନି କିମ୍ବା ପାଲକି ଦ୍ୱାରା କରାଯାଉଛି।

ତୀର୍ଥଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ଏବଂ ହେମକୁଣ୍ଡ ସାହିବ ଜୀ ଏବଂ ଫୁଲ ଉପତ୍ୟକାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଦର୍ଶନ କରିବା ଏବଂ ଗୋବିନ୍ଦଘାଟ ତଥା ହେମକୁଣ୍ଡ ସାହିବ ଜୀଙ୍କ ମଧ୍ୟରେ ସୁଗମ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତାବିତ ରୋପେ ଯୋଜନା କରାଯାଇଛି। ସରକାରୀ-ବେସରକାରୀ ଭାଗିଦାରୀରେ ଏହି ରୋପୱେ ବିକଶିତ ହେବାର ଯୋଜନା ରହିଛି।ଏବଂ ଗୋବିନ୍ଦଘାଟରୁ ଘଙ୍ଗରିଆ (୧୦.୫୫ କିଲୋମିଟର) ପର୍ଯ୍ୟନ୍ତ ମନୋକେବଲ ଡିଟେଚେବଲ୍ ଗୋଣ୍ଡୋଲା (ଏମଡିଜି) ଉପରେ ଆଧାରିତ ହେବ, ଯାହା ଘଙ୍ଗରିଆରୁ ହେମକୁଣ୍ଡ ସାହିବ ଜି (୧.୮୫ କିଲୋମିଟର) ପର୍ଯ୍ୟନ୍ତ ସବୁଠାରୁ ଅତ୍ୟାଧୁନିକ ଟ୍ରାଇକେବଲ ଡିଟାଚେବଲ୍ ଗଣ୍ଡୋଲା (୩ଏସ୍) ଟେକ୍ନୋଲୋଜି ସହିତ ସମନ୍ୱିତ ହେବ। ଯାହାର ଡିଜାଇନ୍ କ୍ଷମତା ଘଣ୍ଟା ପ୍ରତି ୧୧,୦୦୦ ଯାତ୍ରୀ (ପିପିଏଚପିଡି) ରହିବ।

କେନ୍ଦ୍ର କ୍ୟାବିନେଟରେ ଚାଷୀଙ୍କ ସମ୍ପର୍କରେ ତୃତୀୟ ନିଷ୍ପତ୍ତି ନିଆଯାଇଛି। ପଶୁପାଳନ ସ୍ୱାସ୍ଥ୍ୟ ଏବଂ ରୋଗ ନିବାରଣ ପାଇଁ ସରକାର ୩୮୮୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି।ଏହା ଅଧୀନରେ, ଦୁଇଟି ମୁଖ୍ୟ ପ୍ରାଣୀ ରୋଗ, ପାଦ ଏବଂ ମୁଖ ରୋଗ ଏବଂ ବ୍ରୁସେଲୋସେସ୍‌ର ନିରାକରଣ କରାଯିବ।

## ୩୦ରୁ ଗାଜିଆବାଦ ଏବଂ ପୋର୍ଟ ବ୍ଲେୟାରକୁ ବିମାନ ସେବା

**ଭୁବନେଶ୍ୱର,୫।୩(ମହାଭାରତ):** ଭୁବନେଶ୍ୱର ପାଇଁ ଏକ ବିମାନ ଚଳାଚଳ ପୁରସ୍କାର ସ୍ୱରୂପ, ଖୁବ୍ ଶୀଘ୍ର ଦୁଇଟି ନୂତନ ସ୍ଥାନକୁ ଦୁଇଟି ନୂତନ ବିମାନ ଚଳାଚଳ କରିବ। ଦୁଇଟି ନୂତନ ବିମାନ ସେବା ଗାଜିଆବାଦ ଏବଂ ପୋର୍ଟ ବ୍ଲେୟାରକୁ ଉଡ଼ାଣ କରିବ। ଏହା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଫିସିଆଲ୍ ସିଏମଓ ଓଡ଼ିଶା ହ୍ୟାଣ୍ଡେଲରେ ସେୟାର କରାଯାଇଥିବା ଏକ୍ସ ପୋଷ୍ଟରେ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜଣାଇ ଏହି ବାର୍ତ୍ତାରେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟାଳୟ ଘୋଷଣା କରିଛି ଯେ, ଗାଜିଆବାଦ (ହିଣ୍ଡନ) ଏବଂ ପୋର୍ଟ ବ୍ଲେୟାରକୁ ନୂତନ ବିମାନ ଚଳାଚଳ କରିବ। ନୂତନ ଗନ୍ତବ୍ୟସ୍ଥଳ ନୀତି ଅନୁଯାୟୀ - ପର୍ଯ୍ୟଟନ, ବାଣିଜ୍ୟ ଏବଂ ସୁଗମ ସଂଯୋଗକୁ ବୃଦ୍ଧି କରିବ ଏହି ବିମାନଗୁଡ଼ିକ ଖୁବ୍ ଶୀଘ୍ର ଉଡ଼ାଣ ଆରମ୍ଭ କରିବ।

# ସାର୍ବଜନୀନ ହେବନି ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ

**କଟକ,୫।୩**(ମହାଭାରତ) : ନିର୍ବାଚନ ପୂର୍ବ ପ୍ରତିଶ୍ରୁତିରୁ ଓହରି ଯାଇ, ବର୍ତ୍ତମାନ ଭାଜପା ନେତୃତ୍ୱାଧୀନ ଓଡ଼ିଶା ସରକାର ଓଡ଼ିଶା ହାଇକୋର୍ଟକୁ ଜଣାଇଛି ଯେ ହଜିଯାଇଥିବା ରତ୍ନ ଭଣ୍ଡାର ଚାବି ସମ୍ପର୍କରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରାଯାଇପାରିବ ନାହିଁ। ଲକ୍ଷ ଲକ୍ଷ ପ୍ରଭୁ ଜଗନ୍ନାଥ ଭକ୍ତ କେଉଁ ପରିସ୍ଥିତିରେ ରତ୍ନ ଭଣ୍ଡାର ଚାବି ହଜିଗଲା ଏବଂ ପରେ ସେଗୁଡ଼ିକ କିପରି ଉଦ୍ଧାର କରାଗଲା ତାହା ଜାଣିବାକୁ ଚାହାଁନ୍ତି ବୋଲି ଜଣେ ଆବେଦନକାରୀ ଯୁକ୍ତି ଦେବା ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଥିଲେ। ରତ୍ନ ଭଣ୍ଡାରରେ ଗଚ୍ଛିତ ସୁନା ଏବଂ ଅଳଙ୍କାରର ସ୍ଥିତି ବିଷୟରେ ଜାଣିବାକୁ ଭକ୍ତମାନେ ଆଗ୍ରହୀ ଥିବାରୁ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବାକୁ ଆବେଦନକାରୀ ମଧ୍ୟ ଜୋର ଦେଇଥିଲେ। ଜବାବରେ, ଓଡ଼ିଶା ସରକାର ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରି କହିଥିଲେ ଯେ ରିପୋର୍ଟ ପ୍ରକାଶ କରାଯାଇପାରିବ ନାହିଁ। ଏହା ପରେ, ହାଇକୋର୍ଟ ମାର୍ଚ୍ଚ ୧୨ ପାଇଁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଥିଲେ।



୨୦୨୪ ସାଧାରଣ ନିର୍ବାଚନ ସମୟରେ, ଭାଜପା ରତ୍ନ ଭଣ୍ଡାର ଚାବି ପ୍ରସଙ୍ଗରେ ତଦନ୍ତ ତ୍ୱରାନ୍ୱିତ କରିବା ଏବଂ ଏହାର ଇନଭେଣ୍ଟରୀର ଅଡିଟିଂ ପ୍ରକ୍ରିୟା ପୁନଃସ୍ଥାପିତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଦଳ ରାଜ୍ୟରେ କ୍ଷମତାକୁ ଆସିବା ପରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି ମଧ୍ୟ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନ ପ୍ରଚାର ସମୟରେ, ଭାଜପା ନେତାମାନେ ରତ୍ନ ଭଣ୍ଡାର ଚାବି ପ୍ରସଙ୍ଗ ଉଠାଇ ପୂର୍ବ ବିଜେଡି ସରକାରଙ୍କୁ ଏହାର ପରିଚାଳନା ପାଇଁ ସମାଲୋଚନା କରିଥିଲେ।

ଏହି ବିବାଦ ଏପ୍ରିଲ ୨୦୧୮ ରୁ ଆରମ୍ଭ ହୋଇଥିଲା, ଯେତେବେଳେ ଶ୍ରୀମନ୍ଦିର ଅଧିକାରୀମାନେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକ ଗଠନମୂଳକ ଯାଞ୍ଚ ପାଇଁ ପ୍ରସ୍ତୁତି କରୁଥିବା ସମୟରେ ରତ୍ନ ଭଣ୍ଡାରର ଚାବି ହଜିଯାଇଥିବା ଜାଣିବାକୁ ପାଇଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମାମଲାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଜଷ୍ଟିସ୍ ରଘୁବୀର ଦାସ କମିଶନ ନଭେମ୍ବର ୨୦୧୮ ରେ ୩୨୪ ପୃଷ୍ଠାର ଏକ ରିପୋର୍ଟ ଦାଖଲ କରିଥିଲେ। ରତ୍ନ ଭଣ୍ଡାର ଦୁଇଟି ପ୍ରକୋଷ୍ଠ ନେଇ ଗଠିତ ଭିତର ଭଣ୍ଡାର (ଭିତର କୋଷାଗାର) ଏବଂ ବାହାର ଭଣ୍ଡାର (ବାହ୍ୟ କୋଷାଗାର)ଅଛି। ଏହାର ସୁନା ଏବଂ ଅଳଙ୍କାର ତାଲିକାର ସ୍ଥିତି ପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇ ରହିଛି।

# ଆମେରିକା-ଚୀନ୍ ତିକ୍ତତା ନେଇ ଚିନ୍ତାରେ ବିଶ୍ୱ

**ନୂଆଦିଲ୍ଲୀ,୫।୩(ମହାଭାରତ):** ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଏମିତି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି, ଯାହା ପୂରା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇ ଦେଉଛି। ଏସବୁ ଭିତରେ ଟ୍ରମ୍ପ ଆମେରିକା ସଂସଦକୁ ନିର୍ବାଚନ ଜିତିବା ପରେ ପ୍ରଥମଥର ସମ୍ବୋଧନ କରିଛନ୍ତି। ଏହି ସମୟରେ ସେ ଭାରତ, ଚାଇନା, ମେକ୍ସିକୋ, କାନାଡା ଭଳି ଦେଶ ଉପରେ ରେରିପ୍ରୋକାଲ ଟାରିଫ ବା ପାରସ୍ପରିକ ଶୁଳ୍କ ଲାଗୁ କରାଯିବ ବୋଲି କହିଛନ୍ତି।

ଏହା ଏପ୍ରିଲ ମାସରୁ କାର୍ଯ୍ୟକାରୀ ହେବ। ବାସ୍ ଟ୍ରମ୍ପଙ୍କ ଟାରିଫ ଚର୍ଜ ପରେ ଚାଇନା ଖୋଲାଖୋଲି ଭାବେ ଏହାର ଜବାବ ଦେଇଛି। ଦିନକୁ ପୂର୍ବରୁ ଚାଇନା, ମେକ୍ସିକୋ ଓ କାନାଡା ମଧ୍ୟ ଆମେରିକା ଦ୍ରବ୍ୟଗୁଡ଼ିକ ଉପରେ ଶୁଳ୍କ ବୃଦ୍ଧି ସମ୍ପର୍କରେ ଘୋଷଣା କରିଥିଲେ। ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ଘୋଷଣା ପରେ ବେଜିଂ ଶେଷ ଯାଏ ଲଢ଼େଇ କରିବ ବୋଲି କହିଛି। ଆମେରିକା ଚାହୁଁଥିବା ସବୁ ପ୍ରକାରର ଯୁଦ୍ଧ ପାଇଁ ଚାଇନା ପ୍ରସ୍ତୁତ ବୋଲି ବେଜିଂ ପକ୍ଷରୁ କୁହାଯାଇଛି।

ଚାଇନିଜ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଶୁଳ୍କ ଯୁଦ୍ଧ, ଶିଳ୍ପ ଯୁଦ୍ଧ କିମ୍ବା ଅନ୍ୟ ଯେକୌଣି ପ୍ରକାରର ଯୁଦ୍ଧ ଆମେରିକା କରିବା ଚାହୁଁଉଛି, ଆମେ ସେସବୁ ବିରୋଧରେ ଶେଷ ଯାଏ ଲଢ଼ିବାକୁ ପ୍ରସ୍ତୁତ। ଆମେ ପଛ ଘୁଞ୍ଚା ଦେବାର ନାହିଁ।

ମଙ୍ଗଳବାର ଟ୍ରମ୍ପ କହିଥିଲେ ଯେ ଦୀର୍ଘ ଦଶନ୍ଧି ଧରି ଅନ୍ୟ ରାଷ୍ଟ୍ରଗୁଡ଼ିକ ଆମେରିକା ବିରୋଧରେ ଶୁଳ୍କ ଲଗାଇ ଚାଲିଛନ୍ତି। ଏବେ ଆମ ପାଳିୟ ଆମେ ଏବେ ସେଗୁଡ଼ିକ ଅନ୍ୟ ଦେଶଗୁଡ଼ିକ ବିରୋଧରେ ବ୍ୟବହାର କରିବୁ। ୟୁରୋପୀୟ ୟୁନିୟନ, ଚାଇନା, ବ୍ରାଜିଲ, ମେକ୍ସିକୋ, ଭାରତ ଓ କାନାଡା ଭଳି ଦେଶ ଶୁଳ୍କ ଲଗାଉଛନ୍ତି। କେବେ ଆପଣମାନେ ସେମାନଙ୍କୁ ଶୁଣିଛନ୍ତି ? ଏଭଳି ଅନେକ ଅସଂଖ୍ୟ ଦେଶ ରହିଛନ୍ତି, ଯେଉଁମାନେ ଆମେରିକା ଉପରେ ଆମ ତୁଳନାରେ ଅତ୍ୟନ୍ତ ଅଧିକ ଟାରିଫ ଲଗାଉଛନ୍ତି। ଏହା ଅତ୍ୟନ୍ତ ପକ୍ଷପାତିତା। ଭାରତ ଆମ ଉପରେ ୧୦୦%ରୁ ଅଧିକ ଅଟୋ ଟାରିଫ ଲାଗୁ କରୁଛି। ଚାଇନା ଆମ ଦ୍ରବ୍ୟ ଗୁଡ଼ିକ ଉପରେ ଆମେ ଲଗାଉଥିବା ଟାରିଫର ପ୍ରାୟ ୨ ଗୁଣ ଲାଗୁ କରୁଛି। ଦକ୍ଷିଣ କୋରିଆରର ହାରାହାରି ଟାରିଫ ଆମ ଠାରୁ ୪ ଗୁଣ ଅଧିକ। ଏସବୁ ବନ୍ଧୁ ଓ ଶତ୍ରୁଙ୍କ ପକ୍ଷରୁ କରାଯାଉଛି। ଏପରି ବ୍ୟବସ୍ଥା ଆମେରିକା ପାଇଁ ଆଦୌ ଠିକ ନୁହେଁ। ତେଣୁ ପାରସ୍ପରିକ ଶୁଳ୍କ ଫେରିଛି ଓ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ସେମାନେ ଯେତିକି ଟିକସ ଆମ ଉପରେ ଲଗାଇବେ, ଆମେ ମଧ୍ୟ ସେତିକି ଲାଗୁ କରିବୁ ବୋଲି ଟ୍ରମ୍ପ କହିଛନ୍ତି।



ଟ୍ରମ୍ପ ଚାଇନିଜ ଦ୍ରବ୍ୟଗୁଡ଼ିକ ଉପରେ ଲାଗୁ ହେଉଥିବା ୧୦ % ଶୁଳ୍କକୁ ୨୦%କୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଚାଇନା ପକ୍ଷରୁ ଆମେରିକା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନ ନିକଟରେ ଅଭିଯୋଗ ଦାଖଲ କରାଯାଇଛି। ଚାଇନାର କହିବା କଥା ଯେ ଆମେରିକାର ଏକତରଫା ଟିକସ ଲାଗୁ ବ୍ୟବସ୍ଥା ଡବ୍ଲୁଟିଓର ନିୟମକୁ ଉଲ୍ଲଙ୍ଘନ କରୁଛି।

ଚାଇନା ଓ ଆମେରିକା ମଧ୍ୟରେ ତିକ୍ତତା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଛି। ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ବ୍ୟବସ୍ଥା ଯୋଗୁ ଅନେକ ଛୋଟ ଛୋଟ ରାଷ୍ଟ୍ର ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇପାରନ୍ତି। ସେମାନଙ୍କର ଆମଦାନୀ ଓ ରପ୍ତାନୀ ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି।

# ସୁନା ସ୍ମଗଲର ଅଭିନେତ୍ରୀ ଗିରଫ

ବେଙ୍ଗାଲୁରୁ,୫।୩(ମହାଭାରତ): ବେଶ କିଛି ଦିନ ଧରି ପୋଲିସକୁ ଭୂଆଁ ବୁଲାଇ ଆସୁଥିବା ସୁନ୍ଦରୀ ସୁନା ସ୍ମଗଲର ତଥା ଅଭିନେତ୍ରୀ ରାନ୍ୟା ରାଓ ଧରାପଡ଼ିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ରାନ୍ୟା ଜଣେ ପ୍ରତିଷ୍ଠିତ ଅଭିନେତ୍ରୀ ଓ ବାପା ଜଣେ ଆଇପିଏସ ଅଧିକାରୀ। ତାଙ୍କୁ ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରାଯାଇଛି। ସୁନା ଚୋରା ଚାଲାଣ ଅଭିଯୋଗରେ ବିମାନବନ୍ଦରରେ ଅଭିନେତ୍ରୀଙ୍କୁ ଧରାଯାଇଥିଲା। ତଲାସି ସମୟରେ ତାଙ୍କଠାରୁ ୧୪.୮ କିଲୋଗ୍ରାମ ସୁନା ଜବତ କରାଯାଇଥିଲା। ଏହା ପରେ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା। ସେ କର୍ଣ୍ଣାଟକର ବରିଷ୍ଠ ଆଇପିଏସ ଅଧିକାରୀ କେ.ରାମଚନ୍ଦ୍ର ରାଓଙ୍କ ଝିଅ। ରାମଚନ୍ଦ୍ର ରାଓ କର୍ଣ୍ଣାଟକ ରାଜ୍ୟ ପୋଲିସ ହାଉସିଂ କର୍ପୋରେସନରେ ଡିଜିପି ଭାବରେ କାର୍ଯ୍ୟରତ। ଯାହାର ମୂଲ୍ୟ ୧୨କୋଟିରୁ ଅଧିକ ହେବ ବୋଲି କୁହାଯାଉଛି। ଏସବୁ ସୁନାକୁ ରାଣ୍ୟା ତାଙ୍କ ପେଟ, ଜଙ୍ଘ ଓ ଅଣ୍ଟାରେ ଟ୍ୟାପ ଲଗାଇ ଖଞ୍ଜି ରଖିଥିଲେ। ଏଥିସହିତ ଏମିତି ଏକ ସ୍ୱତନ୍ତ୍ର ଜ୍ୟାକେଟ ପିନ୍ଧିଥିଲେ। ଯାହା ଭିତରେ ସେ ସୁନାକୁ ଲୁଚାଇ ରଖିଥିଲେ ଯାହାକି ସହଜରେ ଜଣାପଡ଼ିବ ନାହିଁ।




୧୪.୮ କି.ଗ୍ରା. ସୁନା ସହ ଅଭିନେତ୍ରୀ ରାନ୍ୟା ରାଓ ଗିରଫ
ବାପା ଆଇପିଏସ୍ ଅଧିକାରୀ, ବର୍ଷକରେ ୩୦ ଥର ଦୁବାଇ ଯାତ୍ରା

ତାଙ୍କୁ ଗିରଫ କରାଯିବା ପରେ, ତାଙ୍କୁ ଅର୍ଥନୈତିକ ଅପରାଧ ଅଦାଲତରେ ହାଜର କରାଯାଇଥିଲା। ହାଜର ହେବା ପରେ ଅଭିନେତ୍ରୀଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି। ଅଧିକାରୀଙ୍କ ଅନୁଯାୟୀ, ରାନ୍ୟା ଦୁବାଇରୁ ଏମିରେଟ୍ସ ବିମାନରେ ଭାରତ ଆସିଥିଲେ ଏବଂ ତାଙ୍କ ଡ୍ରେସ୍‌ରେ ଲୁଚାଇ ୧୪.୮ କିଲୋଗ୍ରାମ ସୁନା ଆଣିଥିଲେ ବୋଲି ଅଭିଯୋଗ ହୋଇଛି। ସେପଟେ ବେଙ୍ଗାଲୁରୁ ଘରୁ ମିଳିଛି ୪କୋଟି ଟଙ୍କା ମୂଲ୍ୟର ସୁନା ଓ ନଗଦ ଟଙ୍କା। ତଦନ୍ତ ପରେ ଏହା ମଧ୍ୟ କୁହାଯାଉଛି, ରାନ୍ୟା ଦୁବାଇରୁ ସୁନା ଚୋରାଚାଲାଣ କରୁଥିଲେ। ପୋଲିସ ରାନ୍ୟାଙ୍କ ବାରମ୍ବାର ଅନ୍ତର୍ଜାତୀୟ ଯାତ୍ରା ଉପରେ ନଜର ରଖିଥିଲା। ଅଭିନେତ୍ରୀ ଜଣକ ୧୫ ଦିନ ମଧ୍ୟରେ ଚାରିଥର ଦୁବାଇ ଯାଇଥିଲେ। ପୋଲିସ ତାଙ୍କ ଉପରେ ସନ୍ଦେହ କରିଥିଲା ଏବଂ ସୁଯୋଗ ପାଇବା ମାତ୍ରେ ଅଭିନେତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।ତାଙ୍କୁ ଧରିବାକୁ ଡିଆରଆଇ ସ୍ୱତନ୍ତ୍ର ଟିମ ଗଠନ କରିଥିଲା। ମାର୍ଚ୍ଚ ୩ରେ ଦୁବାଇରୁ ଫେରୁଥିଲେ ରାନ୍ୟା। ପୂର୍ବରୁ ବିମାନବନ୍ଦରେ ଜଗି ରହିଥିଲେ ଅଧିକାରୀ। ସଂଧ୍ୟା ୭ଟାରେ ରାନ୍ୟାଙ୍କୁ ଗିରଫ କରାଯାଇଥିଲା। ବହୁମାତ୍ରାର ଅଳଙ୍କାର ପିନ୍ଧିବା ସହ ଡ୍ରେସ ଓ ବେଲ୍ଟରେ ଲୁଚାଇଥିଲେ ସୁନା। ପ୍ରାପ୍ତ ସୂଚନା ଅନୁଯାୟୀ ସେ ଗତବର୍ଷ ୩୦ଥର ଦୁବାଇ ଯାତ୍ରା କରିଛନ୍ତି। ପ୍ରତି ଯାତ୍ରାରେ ସେ କିଲୋ ଉପରେ ସୁନା ନେଇ ଆସିଥାଆନ୍ତି। ସୁନା ଚାଲାଣ ପାଇଁ ସେ ପ୍ରତି କିଲୋ ସୁନା ପିଛା ୧ଲକ୍ଷ ଟଙ୍କା ନେଇ ଥାଆନ୍ତି। ଅର୍ଥାତ ପ୍ରତି ଯାତ୍ରାରେ ସେ ୧୨ରୁ ୧୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାଆନ୍ତି। ସୁନା ଚାଲାଣ ପାଇଁ ରାଣ୍ୟା ବିଶେଷ ଭାବେ ମଡିଫାଇଡ ଜ୍ୟାକେଟ ଓ ରିଷ୍ଟ ବେଲ୍ଟ ପିନ୍ଧିଥାଆନ୍ତି।ସେପଟେ ଆଇପିଏସ ଅଧିକାରୀ ତଥା ବାପା କହିଛନ୍ତି ୪ମାସ ପୂର୍ବରୁ ବିବାହ କରିବା ପରେ ଝିଅ ତାଙ୍କର କୌଣସି ସମ୍ପର୍କ ରଖିନି ଯଦି ସେ ଦୋଷୀ ତା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

## ରାଜାଙ୍କ ବ୍ୟବସାୟିକ ସାମ୍ରାଜ୍ୟରେ ଚଢ଼ଉ ଜାରି

କେନ୍ଦୁଝର/ଭୁବନେଶ୍ୱର,୫।୩(ମହାଭାରତ): ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୧୦୦ କୋଟିର ଆର୍ଥିକ ଅନିୟମିତତା ଘଟଣାରେ ବିଜେଡିର ଯୁବନେତା ସେମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କ ବ୍ୟବସାୟିକ ସାମ୍ରାଜ୍ୟରେ ଆଜି ବି ଚାଲିଛି ଇଓଡବ୍ଲୁ ଓ ଏସ୍‌ଟିଏଫର ଚଢ଼ଉ। କୋଇଡ଼ାରେ ଥିବା କାର୍ଯ୍ୟାଳୟରେ ଚଢ଼ାଉ ଚାଲିଛି। ଆଜି ୧୦ଟି ଗାଡ଼ି ଜବତ ସହ ଚାଲିଛି ମାରାଥନ୍ ଜେରା। ତେଣେ ଚଢ଼ାଉ ଡରରେ ରାଜା ଚକ୍ର କେନ୍ଦୁଝରରେ ଥିବା କେତେକ ଦାମୀ ଗାଡ଼ିକୁ ଲୁଚାଇବାର ପ୍ରୟାସ କରିଥିଲେ। ଇଓଡବ୍ଲୁ ଭୁବନେଶ୍ୱର କେ ଟିମ୍ ଖୋଳତାଡ଼ ଜାରି ରଖି କୋଇଡ଼ା ବାଇପାସ୍ ରୋଡ୍‌ରୁ ୧୦ ଗୋଟି ହାଇୱା ଜବତ କରି କୋଇଡ଼ା ଥାନାରେ ହସ୍ତାନ୍ତର କରିଛନ୍ତି।

## ଗୁଣି ସନ୍ଦେହରେ ହତ୍ୟା

**ବଲାଙ୍ଗିର,**୫।୩ (ମହାଭାରତ): ତୁଷୁରା ଥାନା ଆଠଗାଁରେ ଗୁଣି ସନ୍ଦେହରେ ଗୋଷ୍ଠୀ ସଂଘର୍ଷ। ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଓ ପିଟାପିଟିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ୪ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅନ୍ତର୍ଗତ ଆଠଗାଁରେ ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ସୂଚନା ମିଳିଛି। ଗୁଣି ସନ୍ଦେହରେ ଉଭୟ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଉଭୟ ପରିବାର ମଧ୍ୟରେ ପିଟାପିଟି ହୋଇଥିଲେ। ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ସଦସ୍ୟ ଅନ୍ୟ ପରିବାର ଜଣଙ୍କୁ ପଥରରେ ଛେଚି ଛେଚି ହତ୍ୟା କରିଥିଲେ।

## ଦୁର୍ଦ୍ଦାନ୍ତ ଅପରାଧୀକୁ ବିଭତ୍ସ ହତ୍ୟା

**ଖଲିକୋଟ, ୫।୩** (ମହାଭାରତ) **:** ଦୁର୍ଦ୍ଦାନ୍ତ ଅପରାଧୀ ରବି ଦାସଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଛି। ଧାରୁଆ ଅସ୍ତ୍ରରେ ରବିଙ୍କୁ ହାଣି ହତ୍ୟା କରାଯାଇଥିବା ଜଣାପଡ଼ିଛି। ହରିପୁର ଗାଁ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ରବି ଦାସଙ୍କ ମୃତଦେହ ପଡ଼ିଛି। ଜେଲ ଫେରନ୍ତା ବବି ଦାସଙ୍କୁ ହାଣି ରାସ୍ତାରେ ଫିଙ୍ଗି ଦେଇଥିବା ସୂଚନା ମିଳିଛି। ଖଲିକୋଟ ଥାନା ହରିପୁର ଗାଁରେ ଏହି ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଗାଁର କିଛି ଯୁବକଙ୍କ ସଂଘବଦ୍ଧ ଆକ୍ରମଣରେ ରବି ଦାସଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ୩ ମାସ ତଳେ ଜେଲରୁ ଫେରିଥିଲେ। ପୂର୍ବ ଶତ୍ରୁତାର ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ରବିଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିଲା। ଖବର ପାଇ ଖଲିକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସମ୍ବଲପୁର, ରାଉରକେଲା ଓ ପୁରୀରେ ହେବ ପୌର ନିର୍ବାଚନ

ଭୁବନେଶ୍ୱର, ୫।୩ (ମହାଭାରତ) : ପୁଣି ହେବ ପୌର ନିର୍ବାଚନ। ଏନେଇ ବଡ଼ ସୂଚନା ଦେଇଛନ୍ତି ମୋହନ ସରକାର। ସମ୍ବଲପୁର, ରାଉରକେଲା ଓ ପୁରୀରେ ପୁଣି ହେବ ପୌର ର୍ନିବାଚନ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଜାରି କରାଯାଇଛି। ହାଇକୋର୍ଟଙ୍କ ଶୁଣାଣି ପରେ ହେବ ର୍ନିବାଚନ ପ୍ରକ୍ରିୟା। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି, ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସରିଛି। ସମ୍ବଲପୁର, ରାଉରକେଲା ଏବଂ ପୁରୀରେ ପୌର ର୍ନିବାଚନ ଦୀର୍ଘ ବର୍ଷ ହେଲା ବନ୍ଦ ରହିଛି। ବିଜେଡି ସରକାରଙ୍କ ଅମଳରେ ପୌର ନିର୍ବାଚନ ବର୍ଷ ବର୍ଷ ଧରି ବନ୍ଦ ରହିଥିଲା।ହାଇକୋର୍ଟରେ ଏହି ମାମଲା ବିଚାରାଧିନ ରହିଛି। ସରକାରଙ୍କ ଓକିଲ ମଧ୍ୟ ଲଢୁଛନ୍ତି। ବିଚାରପତିଙ୍କ ରାୟ ଆସିବା ପରେ ସରକାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

## କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬-ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



..... ପରଦା ଖବର .....

## ଖୁବ୍ ଶୀଘ୍ର ଜୀ ସାର୍ଥକର 'ଶାଶୁ ନୁହେଁ ସେ ସୁନାମୀ ଝଡ଼'




ଖୁବ୍ ଶୀଘ୍ର ଆସୁଛି ଜୀ ସାର୍ଥକର 'ଶାଶୁ ନୁହେଁ ସେ ସୁନାମୀ ଝଡ଼'। ମାର୍ଚ୍ଚ ୯ ତାରିଖ ସନ୍ଧ୍ୟା ୬:୩୦ରେ ପ୍ରସାରଣ ହେବାକୁ ଯାଉଛି ନୂଆ ଚଳଚ୍ଚିତ୍ର 'ଶାଶୁ ନୁହେଁ ସେ ସୁନାମୀ ଝଡ଼'। ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟିଦିଏ ଚଳଚ୍ଚିତ୍ର,ବିଭିନ୍ନ ମନୋରଞ୍ଜନ ଭି□କ କାର୍ଯ୍ୟକ୍ରମ ଓ ଧାରାବାହିକ। ସବୁଥର କାହାଣୀରେ ନୂତନ□ ଓ ରୋମାଞ୍ଚ ଭରିଦିଏ ଜୀ ସାର୍ଥକ । ଯାହାକୁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଦର୍ଶକେ ନିଜ ଜୀବନ ସହିତ ସଂଯୋଗ କରିପାରନ୍ତି। ଏହି କାରଣ ପାଇଁ ଜୀ ସାର୍ଥକ ସାଜିଛି ଲୋକଙ୍କର ପ୍ରଥମ ପସନ୍ଦ ।ଚଳଚ୍ଚିତ୍ରର କାହାଣୀରେ ଅନେକ ଉତ୍ସୁକତା ସହ ଟର୍ଣ୍ଣ ଆଣ୍ଡ ଟ୍ୱିଷ୍ଟ୍ ରହିଛି ।ଏକ ବ୍ୟସ୍ତବହୁଳ ପରିବାରର କାହାଣୀ ଯାହାର ମୁଖିଆ କୋକିଳା । ନିଜର କଠୋର ଓ ଅବିଶ୍ୱାସ ଶାସନ ତଳେ କୋକିଳାଙ୍କ ତିନି ପୁଅ ଅଜୟ, ବିଜୟ ଓ ଅବିବାହିତ ସଞ୍ଜୟ ଯିଏ କି ନାୟକ ଅଙ୍କିତ ଏବଂ ତିନି ବୋହୂ ହେଉଛନ୍ତି ଅନୀତା, କବିତା ଓ ସ୍ମିତା ଯିଏକି ନାୟିକା ମିତାଲିୟସଞ୍ଜୟଙ୍କ ଜୀବନରେ ଏମିତି ଏକ ମୋଡ ଆସେ ଯେବେ ତାଙ୍କର ସ୍ମିତା ସହିତ ଦେଖାହୁଏ । ସ୍ମିତା ଜଣେ ଉତ୍ସାହୀ ଓ ମହତ୍ୱାକାଂକ୍ଷୀ ଝିଅ ଯିଏ ନିଜ ରିଲ୍ ଭିଡ଼ିଓ ଦ୍ୱାରା ସମାଜର ମଙ୍ଗଳକାମନା ଚିନ୍ତା କରିଥାନ୍ତି । କିନ୍ତୁ କୋକିଳାଙ୍କ ସହ ତାଙ୍କ ଦେଖା ପରିବାରରେ ଉ□ଜନା ସୃଷ୍ଟି କରେ । ସମୟ ସହିତ କାହାଣୀ ମୋଡ ବଦଳାଏ ଯେବେ ଜଣେ ସାଧୁ ସ୍ମିତାଙ୍କୁ ନିଜର ଇଚ୍ଛା ପୂରଣ କରୁଥିବା ଏକ ଶକ୍ତି ଦିଅନ୍ତି । ହେଲେ ଏହାର ପ୍ରଭାବ କଣ ହେବ ? ଶାଶୁଙ୍କ ପରିବର୍ତ୍ତନ ହେବ କି ? କାହାଣୀରେ କିଛି ନୂଆ ଘଟିବ କି ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ ।ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଙ୍କିତ ଓ ମିତାଲି । ଫିଲ୍ମର ପ୍ରଯୋଜନା ସଂସ୍ଥା ଏସ.ପି.ପି ରହିଥିବା ବେଳେ ଏହାର ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ ଓ ନିର୍ଦ୍ଦେଶକ ରହିଛନ୍ତି ମନୋଜ ସିହ୍ନା । ପ୍ରିୟବ୍ରତ ପଣ୍ଡା ଏବଂ ମାନସ ମଲ୍ଲିକ ଚଳଚ୍ଚିତ୍ରର ଲେଖକ ଥିବାବେଳେ ଗୀତଗୁଡିକୁ ସଂଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢୀ ୟ ସ୍ୱୟଂ ପାଢ଼ୀ, ଅନ୍ତରା ଓ ଅର୍ପିତା ଭଳି ସୁନାମଧନ୍ୟ କଣ୍ଠଶିଳ୍ପୀ ଫିଲ୍ମରେ କଣ୍ଠଦାନ କରିଛନ୍ତି ୟ ତେବେ ଏହି କାହାଣୀରେ ଆହୁରି ଅନେକ ଖାସ ବିଷୟବସ୍ତୁ ସହିତ ଘଟଣା ରହିଛି, ଯାହା ଆସନ୍ତା ମାର୍ଚ୍ଚ ୯ ତାରିଖ ସନ୍ଧ୍ୟା ୬:୩୦ ରେ ଚଳଚ୍ଚିତ୍ର ଶାଶୁ ନୁହେଁ ସେ ସୁନାମୀ ଝଡ଼ ଦେଖିବାକୁ ଜୀ ସାର୍ଥକର ଟିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସୀଲ୍ ଅନୁରୋଧ କରିଛନ୍ତ।

## ବୈକୁଣ୍ଠ ଚତୁର୍ଦ୍ଦଶୀ



ପୌରାଣିକ କଥାବସ୍ତୁ ଅନୁସାରେ ଥରେ ବିଷ୍ଣୁ କାଶିରେ ଶିବ ଭଗବାନଙ୍କ ଉପରେ ଏକ ହଜାର ସ୍ୱର୍ଣ୍ଣ କମଳ ପୁଷ୍ପ ଚଢ଼ାଇବାର ସଂକଳ୍ପ କରିଥିଲେ । ଯେବେ ଏହି ସଂକଳ୍ପ ପାଳନ କରିବାର ସମୟ ଆସିଲା, ସେହି ସମୟରେ ଭଗବାନ ଶିବ, ବିଷ୍ଣୁଙ୍କୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ୱର୍ଣ୍ଣ କମଳ ପୁଷ୍ପ କମ୍ କରି ଦେଇଥିଲେ ।

ପୁଷ୍ପ କମ୍ ହୋଇଯିବାରୁ ବିଷ୍ଣୁ ନିଜ କମଳ ନୟନ ନାମକୁ ସ୍ମରଣ କରି ଭଗବାନ ଶିବଙ୍କ ନିକଟରେ ନିଜ ନେତ୍ର ସମର୍ପିତ କରି ଦେଇଥିଲେ । ବିଷ୍ଣୁଙ୍କ ଏଭଳି ଭକ୍ତିଭାବ ଦେଖି କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀକୁ 'ବୈକୁଣ୍ଠ ଚତୁର୍ଦ୍ଦଶୀ' ନାମରେ ପାଳନ କରାଯାଏ। ସେହି ଦିନଠାରୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇ ଭଗବାନ ବିଷ୍ଣୁଙ୍କ ଆରାଧନା କରାଯାଉଛି। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

## ଇମ୍ୟୁନିଟି ବୃଦ୍ଧି କରେ କଖାରୁ !



ଲୋକଙ୍କୁ ସୁଷମ ଖାଦ୍ୟ ଖାଇବା ଲାଗି ଏବେ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଔଷଧ ଅପେକ୍ଷା ଖାଦ୍ୟରୁ ବିଭିନ୍ନ ଭିଟାମିନ ଆହରଣ କରାଯାଇପାରେ। ଏଥିରେ ଭାରତୀୟ ବ୍ୟଞ୍ଜନରେ ଉପଯୋଗ ହେଉଥିବା ପନିପରିବା ଲୋକଙ୍କୁ ବେଶ ପୋଷକତତ୍ତ୍ୱ ଯୋଗାଇଦେବ ବୋଲି ଡାୟଟିଶିଆନମାନେ କହିଛନ୍ତି। ଏଥିରେ ଦୈନନ୍ଦିନ ଉପଯୋଗରେ ଆସୁଥିବା ପରିବା କଖାରୁ ପୋଷଣ ବୃଦ୍ଧିରେ ସହାୟକ ହୋଇପାରେ ବୋଲି ଡାୟଟିଶିଆନ କହିଛନ୍ତି।

କଖାରୁ ଭିଟାମିନରେ ଭରପୁର ଏକ ସବୁଜ ପରିବା। ଏଥିରେ ଜାଂଥିନ ଓ ଜେକସେନ୍ଥିନ ସମେତ କେରୋଟିନ ଓ ଭିଟାମିନ୍ ଏ ପ୍ରଚୁର ପରିମାଣରେ ରହିଛି। ଯାହା କରୋନାରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରେ। କଖାରୁ ମଞ୍ଜିରେ ପ୍ରଚୁର ଭିଟାମିନ ସି ଭରି ରହିଛି। ଏହା ଛଡା ଏହାର ଅନ୍ତ ପ୍ରଚୁର ଭିଟା କାରୋଟିନ୍ ରହିଛି। ଏହି ପୋଷକ ତତ୍ୱ ଆମ ଶରୀରରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରିବ। କଖାରୁ ଏକ ଏପରି ପରିବା ଯେଉଁଥିରେ ଆମର ଦୃଷ୍ଟି ଶକ୍ତି ଜନିତ ସମସ୍ୟାର ସମାଧାନ ମଧ୍ୟ ରହିଛି। ଏଥିରେ ପ୍ରଚୁର ଭିଟାମିନ-ଏ ରହୁଥିବାରୁ ଉଚିତ ମାତ୍ରାରେ କଖାରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଦୃଷ୍ଟି ଶକ୍ତି କମଜୋର ହୋଇନଥାଏ। ଏଥିରୁ ବୟସ ବୃଦ୍ଧିରେ ଖାଦ୍ୟରେ କଖାରୁ ସାମିଲ କରାଗଲେ ଦୃଷ୍ଟି ଶକ୍ତି ଜନିତ ସମସ୍ୟା ନିରାକରଣରେ ସହାୟକ ହେବ ବୋଲି କୁହାଯାଏ। ଏହି ପରିବାରେ ଭିଟା କାରୋଟିନା ମିଳୁଥିବାରୁ ଯାହା ଶରୀରକୁ ଭିଟାମିନ୍ ଏ ଯୋଗାଇ ଦେଇଥାଏ। ଏହି ପରିବାରେ ପ୍ରଚୁରମାତ୍ରାରେ ଫାଇବର ଥାଏ। ଏହା ଛଡା ଏଥିରେ ଫ୍ୟାଟସ୍ ବି ନଥାଏ। ଫାଇବର ଯୋଗୁ କ୍ଷୁଧା ନିୟନ୍ତ୍ରିତ ହେଉଥିବା ବେଳେ ଶରୀରର ଓଜନ ହ୍ରାସ ହୋଇଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ ରହୁଥିବାରୁ ପୃଥୁଳତା ହ୍ରାସରେ ସହାୟକ ହୋଇଥାଏ। କଖାରୁରେ ପ୍ରଚୁର ଆଇରନ ମଧ୍ୟ ଶରୀର ପାଇଥାଏ। ଏଣୁ ଖାଦ୍ୟରେ କଖାରୁ ଖାଇଲେ ଏନର୍ଜୀମାତ୍ରା ବଢିଥାଏ। ଖାଦ୍ୟରେ କଖାରୁ ଖାଇଲେ ନଖ ହଳଦିଆ ପଡିବା ଅଥବା ମୁଣ୍ଡ ବୁଲେଇବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ଡାଏଟିସିଆନମାନେ କୁହନ୍ତି।

## ୮ ମାସ ପାଣିରେ ବୁଡ଼ି ରହେ ମନ୍ଦିର





ସମସ୍ତେ ମନ୍ଦିରକୁ ଯାଆନ୍ତି ଓ ପୂଜା କରନ୍ତି । କିନ୍ତୁ ଭାରତରେ ଏପରି ଏକ ରହସ୍ୟମୟୀ ମନ୍ଦିର ରହିଛି ଯିଏକି ବର୍ଷକରେ ୮ମାସ ପାଣିରେ ବୁଡି ରହିଥାଏ । ଏହି ମନ୍ଦିରଟି ହେଉଛି ବାଥୁ କି ଲଡି ।ଯାହା ହିମାଚଳର କାଙ୍ଗ୍ରା ଜିଲ୍ଲାରେ ରହିଛି ।ବିଶେଷ କଥା ହେଉଛି ମନ୍ଦିରଟି ପାଣିରେ ୮ ମାସ ରହୁଥିବା ବେଳେ ୪ ମାସ ବାହାରେ ରହିଥାଏ । ମନ୍ଦିରଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତି । ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ମନ୍ଦିରରେ ଦର୍ଶନ ଦେଇଥାନ୍ତି ଭଗବାନ ବିଷ୍ଣୁ । ଏହି ମନ୍ଦିର ପାଖରେ ରହିଛି ଅନେକ ଛୋଟଛୋଟ ମନ୍ଦିର । ବାସ୍ତବରେ ମନ୍ଦିରଟି ୮ ମାସ ପାଇଁ ମହାରଣା ପ୍ରତାପ ସାଗର ହ୍ରଦରେ ବୁଡ଼ି ଯାଇଥାଏ । ଯେତେବେଳେ ହ୍ରଦର ଜଳସ୍ତର ବଢିଯାଇଥାଏ ସେତେବେଳେ ମନ୍ଦିର ବୁଡିଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ମନ୍ଦିର ଦୀର୍ଘ ସମୟ ଧରି ଜଳମଗ୍ନ ହେବା ପରେ ବି ଏହାର ଗଠନରେ କୌଣସି ପରିବର୍ତ୍ତନ ହୋଇନଥାଏ ।ଏହାର କାରଣ ହେଉଛି ମନ୍ଦିରଟି ଅନେକ ଶକ୍ତିଶାଳୀ ପଥରରେ ନିର୍ମିତ । ଏଠାରେ ଆପଣ ପଥରରେ ଖୋଦିତ ଭଗବାନ ଗଣେଶ ଏବଂ କାଳୀଙ୍କ ମୂର୍ତ୍ତି ଦେଖିବାକୁ ପାଇବେ ।ଏହାସହିତ ମନ୍ଦିର ମଧ୍ୟରେ ଭଗବାନ ବିଷ୍ଣୁ ଶେଷନାଗ ଉପରେ ବିଶ୍ରାମ କରୁଥିବାର ମୂର୍ତ୍ତି ସ୍ଥାପନା କରାଯାଇଛି ।ଏଠାରେ ରହୁଥିବା ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରଟି ସ୍ଥାନୀୟ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା ୟ ଆଉ କିଛି ଲୋକ ଏହି ମନ୍ଦିରକୁ ପାଣ୍ଡବଙ୍କ ସହିତ ସଂଯୋଗ କରିଥାନ୍ତି। ସେମାନଙ୍କ ବିଶ୍ୱାସ ଅନୁଅୟାୟୀ, ପାଣ୍ଡବମାନେ ନିର୍ବାସନ ସମୟରେ ଏଠାରେ ସ୍ୱର୍ଗକୁ ସିଡ଼ି ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ । ତଥାପି ସେ ଏହାକୁ ତିଆରି କରିବାରେ ସଫଳ ହୋଇପାରିନଥିଲେ । କାରଣ ସେମାନଙ୍କୁ ଗୋଟିଏ ରାତିରେ ଏହି ସିଡ଼ି ନିର୍ମାଣ କରିବାକୁ ଥିଲା ।





## ବୀର ଗୋଗା ଦେବଙ୍କ କଥା



ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି ଗୋଗାମେଢ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।

ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର୍ ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

# ରାଷ୍ଟ୍ରପତି ଭବନରେ 'ଭିଜିଟର୍ସ କନଫରେନ୍ସ' ଉଦଯାପିତ

**ଭୁବନେଶ୍ୱର,୫।୩ (ମହାଭାରତ):** ଭାରତର ଶିକ୍ଷାକୁ ଆକାର ଦେବାର ଦାୟିତ୍ୱ ଆମ କାନ୍ଧ ଉପରେ ନ୍ୟସ୍ତ ରହିଛି । ତେଣୁ ଜାତୀୟ ଶିକ୍ଷା ନୀତି - ୨୦୨୦କୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଆମର ରାଷ୍ଟ୍ରୀୟ ମିଶନ ହେବା ହେବା ଦରକାର ବୋଲି ମଙ୍ଗଳବାର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ 'ଭିଜଟର୍ସ କନଫରେନ୍ସ-୨୦୨୪-୨୫ର ଉଦଯାପନୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।




ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ଅଧିବେଶନରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭିଜିଟର୍ସ କନଫରେନ୍ସରେ ସକ୍ରିୟ ଯୋଗଦାନ ଏବଂ ଫଳପ୍ରଦ ଆଲୋଚନା ପାଇଁ ଆମର ଶିକ୍ଷାବିତ୍ ନେତୃତ୍ୱମାନଙ୍କୁ ଧନ୍ୟବାଦ । ସେମାନଙ୍କର ବିବିଧ ଦୃଷ୍ଟିକୋଣ ଏବଂ ଭବିଷ୍ୟତବାଦୀ ଚିନ୍ତାଧାରା ଏହି ସଂଗମକୁ ସମୃଦ୍ଧ କରିଛି ଏବଂ ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛି । ଏହି ଦୁଇ ଦିବସୀୟ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନ ଓ ପ୍ରେରଣା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆଗାମୀ ରାସ୍ତା ଆହ୍ୱାନପୂର୍ଣ୍ଣ ହୋଇପାରେ, କିନ୍ତୁ ସାମୂହିକ ପ୍ରୟାସ, ମିଳିତ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତା ଦ୍ୱାରା ଆମେ ଆମର ଶିକ୍ଷା ବ୍ୟବସ୍ଥାର ପୁନଃକଳ୍ପନା କରିପାରିବା । ଆମେ ଏକ ଜ୍ଞାନ-ପରିଚାଳିତ, ଆତ୍ମନିର୍ଭର ଭାରତ ଗଠନ କରିବା ଦରକାର, ଯାହା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ଗତି ଦେବ ।

ଛାତ୍ରଛାତ୍ରୀମାନେ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେକହୋଲଡର ଅଟନ୍ତି । ସେମାନେ ହେଉଛନ୍ତି ଆମ ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ । ଆମେ ଛାତ୍ରଛାତ୍ରୀଙ୍କ ଆଗ୍ରହ ଥିବା ବିଷୟ ଗୁଡିକୁ କେବେ ବି ଭୁଲିବା ଉଚିତ୍ ନୁହେଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କହିବାନୁସାରେ ଆମର ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ପୁଞ୍ଜିନିବେଶ କରିବା ଆବଶ୍ୟକତା ରହିଛି । ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଦକ୍ଷତା ପ୍ରଦାନ କରିବା, ବଡ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରୋତ୍ସାହିତ କରିବା ଜରୁରୀ । ଯୁବଶକ୍ତିଙ୍କ ସ୍ୱପ୍ନ ପୂରଣ କରିବାରେ ସହଯୋଗୀ ହେବା କେବଳ ଆମର ଏକ ଶିକ୍ଷାଗତ ଦାୟିତ୍ୱ ନୁହେଁ ବରଂ ଏହା ଦେଶ ପ୍ରତି ଆମର କର୍ତ୍ତବ୍ୟ ବୋଲି ସେ କହିଛନ୍ତି ।

ପ୍ରକାଶ ଥାଉ କି, ରାଷ୍ଟ୍ରପତି ଭବନରେ ଦୁଇ ଦିନିଆ ଭିଜିଟର୍ସ କନଫରେନ୍ସ ସମାପ୍ତ ହୋଇଛି । ଏହି ସମ୍ମିଳନୀରେ ଏକାଡେମିକ୍ ପାଠ୍ୟକ୍ରମରେ ସୁଗମତା, କ୍ରେଡିଟ୍ ସେୟାରିଂ ଏବଂ କ୍ରେଡିଟ୍ ଟ୍ରାନ୍ସଫର ସହିତ ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ବିକଳ୍ପ ଉପରେ ଆଲୋଚନା କରାଯାଇଥିଲା । ଅନ୍ତର୍ଜାତୀୟକରଣ ପ୍ରୟାସ ଏବଂ ସହଯୋଗ; ଗବେଷଣା, ଉଦ୍ଭାବନ, ପ୍ରଭାବଶାଳୀ ଛାତ୍ରଛାତ୍ରୀ ଚୟନ ପ୍ରକ୍ରିୟା ଏବଂ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା ।

# ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୫।୩ (ମହାଭାରତ):** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଓମେନ୍ସ' ନାରୀ ସଂଗଠନ ପକ୍ଷରୁ ୨ ଦିନିଆ ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ ସରୋଜିନୀ ମହାନ୍ତିଙ୍କ ସଭାପତିତ୍ୱ ଓ ମାନ୍ୟବର ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ସାମ୍ବାଦିକ ଭବନ, ମାଷ୍ଟରକ୍ୟାଂଟିନ୍ଠାରେ ଉଦ୍‌ଘାଟିତ ହୋଇଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ଚିକିତ୍ସ ଡା. ବିଶ୍ୱନାଥ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଂଯୋଜକ ଇଂ କୃଷ୍ଣପ୍ରସାଦ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ପାଢ଼ୀ ପୌରାଣିକ ଯୁଗରୁ ମା' ସୁଭଦ୍ରାଙ୍କ ଠାରୁ ଆରମ୍ଭ କରି ସ୍ୱାଧିନତା ସମୟରେ ଝାନ୍ସୀରାଣୀ ଲକ୍ଷ୍ମୀବାଈ, ଶାରଳା ଦେବୀ, ରମା ଦେବୀ ଆଦିଙ୍କ ଭୂମିକା, ଆଧୁନିକ ଭାରତରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କର ରାଷ୍ଟ୍ର ପାଇଁ ଅବଦାନର ସ୍ମରଣ କରିଥିଲେ । ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ରକ୍ଷା କରି ମହିଳାମାନେ ରାଷ୍ଟ୍ର ଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ ।

କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ସୁକିନ୍ଦା ବ୍ଲକର ପୂର୍ବତନ ଅଧକ୍ଷା ଭଗବତୀ ମହନ୍ତ, କବିତା ବାରିକ, ଅହଲ୍ୟା ମଲ୍ଲିକ, ଡ. ସୁଚିତା ରାଉତ, ଜୟଶ୍ରୀ ଜେନା, ଜାମ୍ବୋବତୀ ଭୋଇ, ଆର୍ଚ୍ଚର୍ଯ୍ୟ ସୁଚେତା ଗୁପ୍ତା, ସୁରଜ ମହାକୁଡ଼ ଆଦି ଗଣ୍ୟମାନ୍ୟ ବ୍ୟକ୍ତିଗଣ ସଭାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ସଂକୀର୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିଶୁ ପ୍ରତିଭା ବିପ୍ସା ସୋନାଲି, ସୁସାହିତ୍ୟିକା ଅଞ୍ଜନା ଜେନା, ଆଦର୍ଶ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମାଜସେବୀ ମଧୁସ୍ମିତା ମହାନ୍ତି, ବରିଷ୍ଠ ସାମ୍ବାଦିକ ଶରତ କୁମାର ପରିଡ଼ାଙ୍କ ଭଳି କୃତି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିବାରୁ ଅନୁଷ୍ଠାନର ସଭାନେତ୍ରୀ ସରୋଜିନୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରୀୟ ପ୍ରକଳ୍ପର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର,୫।୩ (ମହାଭାରତ):** କେନ୍ଦ୍ରୀୟ ପ୍ରକଳ୍ପ ବିଳମ୍ବ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ରେଳ ଏବଂ ଜାତୀୟ ରାଜପଥ ବିଭାଗ ଅଧିକାରୀ ମାନଙ୍କ ବୈଠକ ଡାକିଛନ୍ତି । ବୈଠକ ପରେ ମନ୍ତ୍ରୀ କହିଛନ୍ତି ପ୍ରକଳ୍ପ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ପ୍ରତି ୩ ମାସରେ ସମୀକ୍ଷା ବୈଠକ ହେବ । କେନ୍ଦ୍ର ରାଜ୍ୟ ମଧ୍ୟରେ ଏବଂ ବିଭାଗୀୟ ସମନ୍ୱୟ ପାଇଁ ମେକାନିଜମ ତିଆରି ହେବ ।

ମଙ୍ଗଳବାର ଲୋକସେବା ଭବନରେ କେନ୍ଦ୍ରୀୟ ପ୍ରକଳ୍ପର ସମୀକ୍ଷା କରିଥିଲେ ରାଜସ୍ୱ ମନ୍ତ୍ରୀ । ଯେଉଁଥିରେ ରାଜସ୍ୱ, ଜଙ୍ଗଲ ବିଭାଗ ସହ ରେଳ ଏବଂ ଜାତୀୟ ରାଜପଥର ଅଧିକାରୀ ଏବଂ ୩୦ଟି ଜିଲ୍ଲାର ଜିଲ୍ଲାପାଳ ଭିସି ଜରିଆରେ ଉପସ୍ଥିତି ଥିଲେ । ବୈଠକରେ ଜିଲ୍ଲାପାଳମାନେ ବିଭିନ୍ନ ଜିଲ୍ଲାର କେନ୍ଦ୍ରୀୟ ପ୍ରକଳ୍ପର ସ୍ଥିତି ଏବଂ ଜମି ଅଧିଗ୍ରହଣ ରିପୋର୍ଟ ରଖିଥିଲେ । ବୈଠକ ପରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ବିଭିନ୍ନ ଅଧିକାରୀମାନେ ସମ୍ପର୍କ ରଖି କରି ପ୍ରକଳ୍ପ ଆଗକୁ ଯିବା କଥା । କିନ୍ତୁ ସେଥିରେ ଗୁଡ଼ିଏ ତ୍ରୁଟି ବିଚ୍ୟୁତି କାରଣରୁ କାମ ଆଗଉନି । ସବୁ ପ୍ରକଳ୍ପର ସମୀକ୍ଷା ହୋଇଛି । ପୂର୍ବ ସରକାରରେ ସମନ୍ୱୟ ପାଇଁ କୌଣସି ସିଷ୍ଟମ ନଥିଲା ନୂଆ ସରକାର ସେ ସିଷ୍ଟମ କରିବେ । ସମୀକ୍ଷାରେ ୫୦ ବର୍ଷ ହେଲା ଖୋର୍ଦ୍ଧା - ବଲାଙ୍ଗୀର, ବିମଳଗଡ଼ - ତାଳଚେର ରେଳ ପ୍ରକଳ୍ପ, କଳାହାଣ୍ଡିରେ ରେଳ ୱାଗନ ବିଳମ୍ବ ନେଇ ଆଲୋଚନା ମଧ ହୋଇଛି । ଏଣିକି ପ୍ରତି ୩ ମାସରେ ସମୀକ୍ଷା ହୋଇ ଆଗାମୀ ରୋଡ଼ ମ୍ୟାପ ତିଆରି ହେବ । ବିଳମ୍ବ ହେବାରୁ ପ୍ରକଳ୍ପ ଖର୍ଚ୍ଚ ବଢ଼ି ଯାଉଛି । ସମନ୍ୱୟ ଦାୟିତ୍ୱ ନିଜେ ନେବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

# ରାଜଭବନରେ କୁଳପତି ସମ୍ମିଳନୀ ଅନୁଷ୍ଠିତ

**ଭୁବନେଶ୍ୱର,୫।୩ (ମହାଭାରତ):** "ବିକଶିତ ଓଡିଶା – ବିକଶିତ ଭାରତ" ଗଠନ ପାଇଁ ବିଶ୍ୱ ବିଦ୍ୟାଳୟ ହେଉଛି ଭିତିଭୂମି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍ଠାରେ ଆୟୋଜିତ ରାଜ୍ୟର ବିଶ୍ୱ ବିଦ୍ୟାଳୟ ସମୂହର କୁଳପତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏତଦ୍‌ବ୍ୟତୀତ ବିଶ୍ୱ ବିଦ୍ୟାଳୟମାନଙ୍କରେ ଶିକ୍ଷାଗତ ଉତ୍କର୍ଷତା ଏବଂ ଛାତ୍ର କଲ୍ୟାଣର ତତ୍ତ୍ୱାବଧାରକଭାବେ ବିଶ୍ୱ ବିଦ୍ୟାଳୟରେ ସୁରକ୍ଷିତ, ଅନ୍ତର୍ନିବେଶୀ ଓ ଶୃଙ୍ଖଳିତ ପରିବେଶ ସୁନିଶ୍ଚିତ କରିବା ପାଇଁ କୁଳପତିମାନେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ଏହି ସମ୍ମିଳନୀରେ ରାଜ୍ୟର ସମସ୍ତ



ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିଶ୍ୱ ବିଦ୍ୟାଳୟ ହେଉଛି ଜ୍ଞାନ, ନବ ସୃଜନ ଓ ଦାୟିତ୍ୱବାନ ନାଗରିକ ସର୍ଜନାର କେନ୍ଦ୍ର । ରାଷ୍ଟ୍ର ଗଠନରେ ଉଚ୍ଚ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ବିଦ୍ୟାଳୟର ପୁରୋଧା ଭାବରେ ଶୈକ୍ଷିକ ପରିମଣ୍ଡଳକୁ ରୂପରେଖ ଦେବାରେ, ନବ ସୃଜନକୁ ପ୍ରୋତ୍ସାହିତ କରିବାରେ ଏବଂ ଅନୁଷ୍ଠାନକୁ ଜ୍ଞାନ ଓ ଉତ୍କର୍ଷ କେନ୍ଦ୍ର କରିବାରେ କୁଳପତିମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟରେ ନୂତନ ଶିକ୍ଷାନୀତି-୨୦୨୦ ଲାଗୁ ହୋଇଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିବା ସହିତ ଏହା ବହୁମୁଖୀ ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଯୋଗାଇବ ବୋଲି କହିଥିଲେ । ନୂତନ ଶିକ୍ଷାନୀତିରେ ଅଭିନବ ଶିକ୍ଷା ପଦ୍ଧତିକୁ ଗ୍ରହଣ କରିବା, ଗବେଷଣା ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଓ ଅନ୍ତର୍ଜାତୀୟ ଅନୁଷ୍ଠାନ / ପ୍ରତିଷ୍ଠାନ ସହିତ ସମନ୍ୱୟ ଓ ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି । ଛାତ୍ରଛାତ୍ରୀମାନଙ୍କୁ କେବଳ ନିଯୁକ୍ତି ପାଇଁ ପ୍ରସ୍ତୁତ ନକରି ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବା ନିମନ୍ତେ ପ୍ରସ୍ତୁତ କରିବାକୁ ନୂତନ ଶିକ୍ଷାନୀତି ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ । ରାଜ୍ୟରେ ଶିକ୍ଷା ଓ ଦକ୍ଷତା ଇକୋସିଷ୍ଟମକୁ ରୂପରେଖ ଦେବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ନୂତନ ଶିକ୍ଷାନୀତି – ୨୦୨୦ର ସଫଳ କାର୍ଯ୍ୟାନ୍ୱୟନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ସମ୍ମିଳନୀରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକସ୍ ଓ ଆଇ.ଟି. ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବକ୍ତବ୍ୟ ପ୍ରଦାନ କରି ଉଚ୍ଚ ଶିକ୍ଷା ସହିତ ସଂପର୍କିତ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ / ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ବିଭାଗୀୟ ପ୍ରମୁଖ ଶାସନ ସଚିବ / ଶାସନ ସଚିବ ଓ ବିଭିନ୍ନ ସଂସ୍ଥାର କର୍ମକର୍ତା ମଧ ବିଭିନ୍ନ ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ସମ୍ମିଳନୀରେ ନୂତନ ଶିକ୍ଷାନୀତି-୨୦୨୦ ସହିତ ବିଶ୍ୱ ବିଦ୍ୟାଳୟ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିଶଦ୍ ଆଲୋଚନା ହୋଇଥିଲା ।

# ରାଜନୈତିକ ସ୍ୱାର୍ଥ ପାଇଁ ପଂଚାୟତିରାଜ ଦିବସକୁ ବିଭ୍ରାନ୍ତି କରିଥିଲା ବିଜେଡି

**ଭୁବନେଶ୍ୱର,୫।୩ (ମହାଭାରତ):** ଏପ୍ରିଲ ମାସ ୨୪ ତାରିଖକୁ ପଂଚାୟତିରାଜ ଦିବସ ଭାବରେ ପାଳନ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତି ସ୍ୱାଗତଯୋଗ୍ୟ । ଭାରତ ବର୍ଷର ଗଣତନ୍ତ୍ରରେ ଏପ୍ରିଲ ୨୪ ତାରିଖ ହେଉଛି ଏକ ଐତିହାସିକ ଦିନ । ଏହି ଦିନରେ ଦେଶରେ ସମ୍ବିଧାନର ୭୩ତମ ସଂଶୋଧନକୁ ଲାଗୁ କରାଯାଇ ପଂଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ମିଳିଥିଲା । ଯାହାଫଳରେ ଆଜି ଦେଶରେ ଲକ୍ଷ ଲକ୍ଷ ତୃଣମୂଳ ସ୍ତରର ପଂଚାୟତ ଜନପ୍ରତିନିଧିମାନେ ଗଣତନ୍ତ୍ରରେ ଭାଗନେବାର ସୁଯୋଗ ପାଉଛନ୍ତି ଏବଂ ନିଜ ଅଂଚଳର ଦାୟିତ୍ୱ ନିଜେ ନେଇପାରୁଛନ୍ତି । ରାଜନୈତିକ ସ୍ୱାର୍ଥ ପାଇଁ ପଂଚାୟତିରାଜ ଦିବସକୁ ବିଜେଡି ବିଭ୍ରାନ୍ତି କରିଥିଲା ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।



ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଯେତେବେଳେ ସାରା ଦେଶ ଏପ୍ରିଲ ୨୪କୁ ପଂଚାୟତିରାଜ ଦିବସ ଭାବେ ପାଳନ କରୁଛି ଓଡିଶା ମଧ୍ୟ ଏହିଦିନକୁ ପଂଚାୟତିରାଜ ଦିବସ ଭାବରେ ପାଳନ କରିବା ପାଇଁ ଯାଉଛି । ଆଶ୍ଚର୍ଯ୍ୟ ଯେ ବିଜେଡିକୁ କାହିଁକି ଏହା ବାଧୁଛି, ସେମାନେ କାହିଁକି ଏହାର ସମାଲୋଚନା କରୁଛନ୍ତି ? କେବଳ ନିଜର ରାଜନୈତିକ ସ୍ୱାର୍ଥରେ ବାଧା ଆସୁଥିବାରୁ ବିଜେଡି ବୋଧେ ଏପ୍ରିଲ ୨୪ ଭଳି ଐତିହାସିକ ଦିନକୁ ଭୁଲି ଯାଇଥିଲା ।

ରାଜ୍ୟ ସରକାର ମାର୍ଚ୍ଚ ୫ ତାରିଖକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀକୁ ସରକାରୀ ସ୍ତରରେ ମହାସମାରୋହରେ ପାଳନ କରିବା କଥା ସ୍ପଷ୍ଟ କରିସାରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ ମଧ କରିଛନ୍ତି । ତେଣୁ ଏ ନେଇ କୌଣସି ବିବାଦ ବିଜୁ ଜନତା ଦଳ କରିବା ଉଚିତ୍ ନୁହେଁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

ଓଡିଶାର ଅନେକ ପୂର୍ବତନ ମୁଖ୍ୟମନ୍ତ୍ରୀ ଯେପରିକି ଉତ୍କଳ କେଶରୀ ହରେକୃଷ୍ଣ ମହତାବ, ଜାନକୀ ବଲ୍ଲଭ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ସରକାରୀ ସ୍ତରରେ ପାଳନ କରାଯାଉଛି । ସେଭଳି ବିଜୁ ବାବୁଙ୍କର ମଧ ପାଳନ କରାଯିବ । କୌଣସି ଅନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ଜନ୍ମଜୟନ୍ତୀକୁ ବିଜେଡି ସରକାର ସମୟରେ ଛୁଟି ଭାବରେ ଘୋଷଣା କରାଯାଇଥିଲା କି ? ବିଜୁ ଜନତା ଦଳ କାହିଁକି ତାଙ୍କ ସରକାର ସମୟରେ ଅନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କୁ ସଠିକ୍ ସମ୍ମାନ ଦେଉନଥିଲା ତାହାର ଉତର ବିଜେଡି ଦେବା ଦରକାର । ଓଡିଶା ଗଠନରେ ଅନେକ ବରେଣ୍ୟ ନେତୃତ୍ୱ ମାନଙ୍କର ଅବଦାନ ରହିଆସିଛି । କିନ୍ତୁ ବିଜୁ ଜନତା ଦଳ ଏହାକୁ ସ୍ୱୀକାର କରିବାକୁ ନାରାଜ୍ ଯାହା ଦୁଃଖଦାୟକ । ସେହିଭଳି ବିଜୁବାବୁଙ୍କ ଭଳି ବଳିଷ୍ଠ ନେତୃତ୍ୱର ଅଧିକାରୀ ବ୍ୟକ୍ତିଙ୍କୁ ବିଜୁ ଜନତା ଦଳ ନିଜ ଦଳ ଭିତରେ ସୀମିତ ରଖିବାର ପ୍ରୟାସ ସେମାନଙ୍କର ଦୂରଦୃଷ୍ଟି ହୀନତାର ପ୍ରମାଣ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୫।୩ (ମହାଭାରତ):** ପଟାମୁଣ୍ଡାଇ ମହାବିଦ୍ୟାଳୟରେ +୨ ବାଣିଜ୍ୟ ପଢୁଥିବା ଜଣେ ଛାତ୍ରୀ କଲେଜର ଅଧ୍ୟାପକଙ୍କ ଅସଦାଚରଣ ଶିକାର ହୋଇ ଆତ୍ମହତ୍ୟା କରିବା ଏକ ନିନ୍ଦନୀୟ ଘଟଣା । ଏହାକୁ ଛାତ୍ର କଂଗ୍ରେସ ଦୃଢ଼ ନିନ୍ଦା କରୁଛି । ଏହାର ପ୍ରତିବାଦରେ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତଳିକା ଦାହ କରିବା ସହିତ ତାଙ୍କର ଇସ୍ତଫା ଦାବି କରିଛି ଛାତ୍ର କଂଗ୍ରେସ । ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ କହିଛନ୍ତି କଲେଜ ପରିସରରେ ଛାତ୍ରୀମାନେ ସୁରକ୍ଷିତ ନୁହଁନ୍ତି । ପଟ୍ଟମୁଣ୍ଡାଇ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହାରଣ । ଯେପର୍ଯ୍ୟନ୍ତ ଏହି ଘଟଣାର କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇଛି ।

# ନନ୍ଦନକାନନରେ ନୂତନ ପ୍ରାଣୀ ସଂଗ୍ରହ ପାଇଁ 'ମେସର୍ସ ଗୀତାରାଣୀ ମହାନ୍ତି ଆଇରନ ଓର ମାଇନ୍ସ' ପକ୍ଷରୁ ସହାୟତା

**ଭୁବନେଶ୍ୱର,୫।୩ (ମହାଭାରତ):** ନନ୍ଦନକାନନରେ ଜୈବ ବିବିଧତାକୁ ସମୃଦ୍ଧ କରିବା ପାଇଁ ଦେଶ ବିଦେଶର ବିଭିନ୍ନ ଚିଡ଼ିଆଖାନାରୁ ନୂତନ ପ୍ରାଣୀ ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଉଛି । ଏଥିସହିତ ପୋଷ୍ୟ ପ୍ରାଣୀ କାର୍ଯ୍ୟକ୍ରମ ଜରିଆରେ ନନ୍ଦନକାନନ ପ୍ରାଣୀମାନଙ୍କର ଯତ୍ନ, ପାଳନପୋଷଣ ଏବଂ ଅନ୍ୟ ଚିଡ଼ିଆଖାନା ମାନଙ୍କରୁ ପ୍ରାଣୀ ସଂଗ୍ରହ ପାଇଁ ବିଭିନ୍ନ ଘରୋଇ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମଧ ସାମିଲ କରାଯାଉଛି । ଏହି କ୍ରମରେ ଆଜି ସୁନ୍ଦରଗଡ଼ର ମେସର୍ସ ଗୀତାରାଣୀ ମହାନ୍ତି ରାଇକେଲା ଆଇରନ ଓର ମାଇନ୍ସ ପକ୍ଷରୁ ମ୍ୟାନେଜିଂ ପାର୍ଟନର ଶ୍ରୀ ଶ୍ରୀନିବାସ ସାହୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନ ଠାରେ ସାକ୍ଷାତ କରି ପ୍ରାଣୀ ସଂଗ୍ରହ ଓ ପାଳନପୋଷଣ ପାଇଁ ୧ କୋଟି ୬୭ ଲକ୍ଷ ୧୭ ହଜାର ୪୦୦



ଟଙ୍କାର ଆର୍ଥିକ ସହାୟତା ଚେକ୍ ଆକାରରେ ପ୍ରଦାନ କରିଛନ୍ତି । ଏହି ସହାୟତା ରାଶି ନନ୍ଦନକାନନ ଚିଡିଆଖାନା ପ୍ରକଳ୍ପର ଆନିମଲ ଆଡାପସନ୍ ଆକାଉଂଟକୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ଚେକ୍ ଗ୍ରହଣ କରି କହିଥିଲେ ଯେ ନନ୍ଦନକାନନ ଆମ ଓଡିଶାର ଗର୍ବ । ଏହାର ବିକାଶ ପାଇଁ ଅନୁଷ୍ଠାନ ତାର ପ୍ରତିବଦ୍ଧତା ଦର୍ଶାଇଛି । ଏଥିପାଇଁ ମୁଁ ତାଙ୍କୁ ବ୍ୟକ୍ତିଗତ ଭାବେ ଧନ୍ୟବାଦ ଜଣାଉଛି । ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏଭଳି ସହଯୋଗ ରହିଲେ, ନନ୍ଦନକାନନ ସହିତ ଏହାର ପ୍ରାଣୀସଂପଦର ଉନ୍ନତି ନିଶ୍ଚିତ ହେବ ।

# ନାରୀ ବିରୋଧୀ ମାମଲାର ଅନୁଧ୍ୟାନ କଲା କଂଗ୍ରେସର ସ୍ୱତନ୍ତ୍ର ଟିମ୍

**ଭୁବନେଶ୍ୱର,୫।୩ (ମହାଭାରତ):** ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ ଅତ୍ୟାଚାର ବୃଦ୍ଧି ଘଟଣାରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ଉକ୍ତ ଘଟଣା ଗୁଡିକର ତଦନ୍ତ ଓ ଅନୁଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ ତରଫରୁ ଏକ ତଥ୍ୟ ଅନୁଧାନକାରୀ ଦଳ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ଗଠନ କରିଛନ୍ତି । ଉକ୍ତ ତଥ୍ୟ ଅନୁଧାନକାରୀ ଦଳ ଗତକାଲି ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡାରେ ଥିବା ଏସ୍.ଏସ୍.ଡି. ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତକରି ଉକ୍ତ ବିଦ୍ୟାଳୟରେ ଗତ ଫେବୃୟାରୀ ୨୪ ତାରିଖରେ ଏକ ଦଶମ ଶ୍ରେଣୀ ପଢୁଥିବା ନାବାଳିକା ଛାତ୍ରୀର ଅଘଟଣ ବିଷୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଆବାସିକ ବିଦ୍ୟାଳୟର ମାଟ୍ରନ୍, ଏ.ଏନ୍.ଏମ୍. ଏବଂ ଅନ୍ୟ କର୍ମଚାରୀ ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉକ୍ତ ଆଲୋଚନାରେ ଏହା ସ୍ପଷ୍ଟ ହୋଇଥିଲା ଯେ, ଆବାସିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଉପଯୁକ୍ତ ଯତ୍ନ ନିଆଯାଇ ନଥିଲା, ବିଦ୍ୟାଳୟର କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଓ ଅବହେଳା ଏବଂ ଛାତ୍ରୀମାନଙ୍କ ପ୍ରତି କର୍ତ୍ତବ୍ୟରେ ତ୍ରୁଟି ସ୍ପଷ୍ଟ ପ୍ରମାଣିତ ହୋଇଥିଲା ।

ବିଦ୍ୟାଳୟ ଗସ୍ତ ପରେ ଉକ୍ତ ଦଳ ପୀଡିତା ବାଳିକାର ନିଜ ଗାଁ ଦିଶାରୀଗୁଡା ଗସ୍ତ କରି ପୀଡ଼ିତାଙ୍କ ନିକଟ ସମ୍ପର୍କୀୟ ତଥା ପଡୋଶୀମାନଙ୍କ ସହିତ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ । ତଦ୍ ପଶ୍ଚାତ୍ ମାଲକାନଗିରି ଜିଲ୍ଲାର କଂଗ୍ରେସ ଦଳର ନେତୃବୃନ୍ଦ ଏବଂ ସାଧାରଣ ନାଗରିକ ମାନଙ୍କ ସହିତ ମଧ ଆଲୋଚନା କରି ଉକ୍ତ ଅଘଟଣର ତଥ୍ୟ ସଂଗ୍ରହ କରିଥିଲେ । ଆଜି ପୂର୍ବାହ୍ନରେ ଉକ୍ତ ତଥ୍ୟ ଅନୁଧାନକାରୀ ଦଳ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ମାଲକାନଗିରି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଉକ୍ତ ଅଘଟଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ଜିଲ୍ଲାପାଳ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ଓ ଭବିଷ୍ୟତରେ ଏହାର ପୁନରାବୃତ୍ତି ହେବନାହିଁ ବୋଲି ପ୍ରତିଶୃତି ଦେଇଥିଲେ । ଏହା ରାଜ୍ୟ ସରକାରଙ୍କର ପ୍ରଶାସନିକ ସ୍ଥାଣୁତା, ଦୂରଦୃଷ୍ଟିର ଅଭାବ ଏବଂ ନାରୀ ମାନଙ୍କ ପ୍ରତି ଅତ୍ୟାଚାର ମନୋଭାବର ସ୍ପଷ୍ଟ ଅବଲୋକନ ବୋଲି ପ୍ରମାଣିତ ହୋଇଛି ।

# ପୂର୍ତ୍ତ ବିଭାଗ ଅଧୀନରେ ଥିବା ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

**ଭୁବନେଶ୍ୱର,୫।୩ (ମହାଭାରତ):** ପୂର୍ତ୍ତ ବିଭାଗ ଅଧୀନରେ ଥିବା ୧୦୦ କୋଟିରୁ ଅଧିକ ପ୍ରକଳ୍ପ ମୂଲ୍ୟର ରାସ୍ତାଘାଟ, ସେତୁ ତଥା କୋଠାବାଡ଼ି ଆଦି କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍ ଠାରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସରକାର ରାଜ୍ୟବାସୀଙ୍କୁ ଉନ୍ନତ ଭିତିଭୂମି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ତେଣୁ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତା ନେଇ ସାଲିସ କରାଯିବ ନାହିଁ । ଏଥି ପାଇଁ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିୟମିତ କାର୍ଯ୍ୟର ତଦାରଖ



ସହ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

ଠିକା ସଂସ୍ଥାଙ୍କ ସମସ୍ୟାର ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ଉଦ୍ୟମ ଜାରି ରଖିବେ । ସେହିଭଳି କାର୍ଯ୍ୟଭାର ନେଇଥିବା ଏଜେନ୍ସି ଅବା ଠିକା ସଂସ୍ଥା ନିଜର ମାନବସମ୍ବଳ ଓ ଜ୍ଞାନକୌଶଳକୁ ଉପଯୋଗ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଚେଷ୍ଟା କରିବେ । ତେବେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତା ନେଇ କୌଣସି ସଂସ୍ଥା ବିରୋଧରେ ଅଭିଯୋଗ ଆସିଲେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେବେ ବି ପଛଘୁଞ୍ଚା ଦେବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି । ସେହିଭଳି ଆଗାମୀ ଦିନରେ ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ ସମୟରେ ପୂର୍ବ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ଜଗତସିଂହପୁର, ଯାଜପୁର, ଜୟପୁର ବାଇପାସ୍ ରାସ୍ତା ସମେତ ବିଭିନ୍ନ ପ୍ରମୁଖ ରାସ୍ତା, କୋରାପୁଟ ହସ୍ ?ପିଟାଲ, ଜୟପୁର ହସ୍‌ପିଟାଲ, ଯାଜପୁର ହସ୍‌ପିଟାଲ ଏବଂ କ୍ୟାପିଟାଲ ହସ୍ ?ପିଟାଲ୍ ?ର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ସମେତ ବିଭିନ୍ନ କୋଠାବାଡ଼ି ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟରେ ବିଭିନ୍ନ ନଦୀ ଉପରେ ଥିବା ହାଇଲେବୁଲ ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧେ ବିଭାଗୀୟ ଅଧିକାରୀ, ଇଞ୍ଜିନିୟର ଓ ଠିକା ସଂସ୍ଥାଙ୍କଠାରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଚାରି ବୁଝିଥିଲେ । ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ଶାସନ ସଚିବ ବୀର ବିକ୍ରମ ଯାଦବ, ଇଆଇସି (ସିଭିଲ) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏଲ୍.କେ. ପାଢ଼ୀ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଠିକା ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ଖୋଲିବ ହତ୍ୟା ରହସ୍ୟ

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି ଏବେ ଜୋର ଧରିଛି। ନବଙ୍କ ଝିଅ ପୂର୍ବତନ ବିଧାୟିକା ଦୀପାଳି ଦାସ ଏଥିଲାଗି ଲିଖିତ ଅନୁରୋଧ କରିବାକୁ ରାଜି ହୋଇଛନ୍ତି। ଯଦି ସେ ଲିଖିତ ଭାବେ ସରକାରଙ୍କୁ ତାଙ୍କ ଦାବି ଜଣାଇବେ ତେବେ ସରକାର ଏଥିଲାଗି ସୁପାରିସ କରିପାରନ୍ତି ବୋଲି ଆଇନମନ୍ତ୍ରୀ କହିଛନ୍ତି। କିନ୍ତୁ ବିଜେପି ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ସିବିଆଇ ତଦନ୍ତ ପାଇଁ ଚିଠି ନଲେଖିବାକୁ ଦୀପାଳିଙ୍କ ଉପରେ ବିଜେଡି ଚାପ ପ୍ରୟୋଗ କରୁଛି। ଏଥିରେ ଜଣେ ପୂର୍ବତନ ଆଇଏଏସ ଏବଂ ଜଣେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ସବୁଠାରୁ ପ୍ରଭାବଶାଳି ନେତା ସାମିଲ ଅଛନ୍ତି। କାରଣ ସେହିମାନେ ହିଁ ନବ ଦାସ ହତ୍ୟା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ବୋଲି ସନ୍ଦେହ କରାଯାଉଛି। ହତ୍ୟାକାରୀ ଗୋପାଳ କେବଳ ନିମତ୍ତ ମାତ୍ର। ନବୀନଙ୍କ ପରେ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କରିବା ଏବଂ ଅଖଣ୍ଡ କ୍ଷମତା ଉପଭୋଗ କରିବା ଲାଗି ସେମାନେ ନବ ଦାସଙ୍କୁ ରାସ୍ତାରୁ ହଟାଇଲେ ବୋଲି ସନ୍ଦେହ କରାଯାଉଛି। ନବ ଦାସ ଜଣେ ସାଧାରଣ ବ୍ୟକ୍ତି ନଥିଲେ। ସେ ଥିଲେ ଜଣେ କ୍ୟାବିନେଟ ମନ୍ତ୍ରୀ ଏବଂ ପଶ୍ଚିମ ଓଡ଼ିଶାର ଜଣେ ପ୍ରଭାବଶାଳି ରାଜନେତା। ସେ ମଧ୍ୟ ଜଣେ ସଫଳ ବ୍ୟବସାୟୀ ଥିଲେ। ତେଣୁ ତାଙ୍କ ହତ୍ୟାର ସିବିଆଇ ତଦନ୍ତ ଲାଗି ପରିବାରର ସହମତି ଅନାବଶ୍ୟକ। ସରକାର ନିଜ ଆଡୁ ଏଥିଲାଗି ସୁପାରିସ କରିବା ଉଚିତ। ଇତିମଧ୍ୟରେ ନବ ଦାସଙ୍କ ହତ୍ୟା ଘଟଣାକୁ ପାଖାପାଖି ଦୁଇ ବର୍ଷ ହେଲାଣି। ଅନେକ ତଥ୍ୟ ପ୍ରମାଣ ନଷ୍ଟ ହୋଇସାରିଥିବ। ତଥାପି ସିବିଆଇ ତଦନ୍ତ କରାଗଲେ ରହସ୍ୟ ଉପରୁ ବରଦା ହଟିପାରେ। ନବ ଦାସଙ୍କ ହତ୍ୟା ଓଡ଼ିଶା ଇତିହାସରେ ଥିଲା ଏକ ବିରଳ ଘଟଣା। ଜଣେ କାର୍ଯ୍ୟରତ କ୍ୟାବିନେଟ ପାହ୍ୟା ମନ୍ତ୍ରୀଙ୍କୁ ରାସ୍ତାରେ ଗୁଳି କରି ହତ୍ୟା କରାଯିବା ଓଡ଼ିଶା ଭଳି ରାଜ୍ୟରେ ଏକ ବିସ୍ମୟ ଥିଲା। ସେ ପୁଣି ସାଧାରଣ ମନ୍ତ୍ରୀ ନଥିଲେ। ଶାସକ ଦଳର ସେ ଥିଲେ ଜଣେ ଅତି ପ୍ରଭାବଶାଳି ନେତା। ପୁରା ପଶ୍ଚିମ ଓଡ଼ିଶାରେ ବିଜେଡି ସଙ୍ଗଠନ ତାଙ୍କ ନିୟନ୍ତ୍ରଣରେ ଥିଲା। କେବଳ ରାଜନୈତିକ ପ୍ରଭାବ ବା ଲୋକପ୍ରିୟତା ନୁହେଁ, ସେ ମଧ୍ୟ ଜଣେ ଅତି ଧନୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେତେବେଳେ ରାଜ୍ୟ ମନ୍ତ୍ରିମଣ୍ଡଳର ସେ ଥିଲେ ସବୁଠାରୁ ଧନଶାଳୀ ସଦସ୍ୟ। ତାଙ୍କ ଚାରିପାଖେ ସବୁବେଳେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ରହିଥାଆନ୍ତି। ଏହା ସତ୍ତ୍ୱେ ତାଙ୍କୁ ଜଣେ ସାଧାରଣ ପୋଲିସ ଏସଏସଆଇ ଗୁଳି କରି ହତ୍ୟା କରିବା ନିଶ୍ଚିତ ଭାବେ ବିସ୍ମୟଜନକ। ଗୁଳି କରିଥିବା ଏଏସଆଇ ଗୋପାଳ ଧରା ପଡ଼ି ଜେଲରେ ଅଛି। ତାଙ୍କ ବିରୋଧରେ ଚାର୍ଜସିଟ ମଧ୍ୟ ଦାଖଲ ହୋଇଛି। ଗୁଜରାଟରେ ତାଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଛି। କିନ୍ତୁ ଘଟଣାର ଏତେ ଦିନ ପରେ ଏବେ ପୁଣି ସେହି ପ୍ରସଙ୍ଗ ଉଜ୍ଜୀବିତ ହୋଇଛି। ନବ ଦାସଙ୍କ ଝିଅ ଦୀପାଳି ଦାସ ତାଙ୍କ ସ୍ୱର୍ଗତ ପିତାଙ୍କ ହତ୍ୟାର ସିବିଆଇ ତଦନ୍ତ ଲାଗି ଲିଖିତ ଅନୁରୋଧ କରିବେ ବୋଲି କହିଛନ୍ତି। ତେବେ କଥା ହେଲା ଏତେ ଦିନ ପର୍ଯ୍ୟନ୍ତ ସେ କାହିଁକି ନିରବ ଥିଲେ ଏବଂ ତାଙ୍କ ବାପାଙ୍କ ହତ୍ୟା ବିଧି ନିର୍ଦ୍ଦିଷ୍ଟ ଥିଲା ବୋଲି କାହିଁକି କହୁଥିଲେ ? ଏଥିପାଇଁ ତାଙ୍କ ଉପରେ କେହି ଚାପ ପକାଉଥିଲେ କି ? ସିବିଆଇ ତଦନ୍ତ ବା ହତ୍ୟା ପଛରେ ଥିବା ରହସ୍ୟ ଉନ୍ମୋଚନ ପାଇଁ ଦାବି କରିବାକୁ ସେ ଭୟ କରୁଥିଲେ କି ? କିଏ ଦୀପାଳିଙ୍କୁ ଭୟଭୀତ କରୁଥିଲା ? ଏହା ପଛରେ ତତ୍କାଳୀନ ଶାସକ ଦଳର କିଛି ପ୍ରଭାବଶାଳି ନେତାଙ୍କ ହାତ ରହିଥିଲା ବୋଲି ବିରୋଧୀ ସନ୍ଦେହ କରୁଥିଲେ। ସାଧାରଣରେ ମଧ୍ୟ ଏଭଳି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ନବୀନ ବାବୁଙ୍କ ସରକାର କାହିଁକି ସେତେବେଳେ ସିବିଆଇ ତଦନ୍ତ ଲାଗି ନିଷ୍ପତ୍ତି ନେଇନଥିଲେ। ନବୀନଙ୍କ ମୁହଁକୁ କିଏ ବନ୍ଦ ରଖିଥିଲା ?

# ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

> “ ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ।

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜୀକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

॥ ଡଃ ବାସୁଦେବ ଦାସ ॥

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ। ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି। ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ। ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି। ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ। ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା। କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ। ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା। ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ। ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା। ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା। ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ। ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ। ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ। ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ। ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ। ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା। ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ। ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା।୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ। ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ।୧୯୧୯ରେ ପଂଞ୍ଜାବର ଜାଲିଓ୍ୱାନାୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣିରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର। ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ। ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା। ସେତେବେଳେକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି। ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ। ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି। ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି। ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ। ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ। ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା। ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି। ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା"। ଅସୀ ଠାରୁ ମସୀ ଶକ୍ତିଶାଳୀ। ଏ ବହି ନୁହେଁ ବୋମା। ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା। କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା। ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ। ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ। କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ। ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ। ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି। ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଲୁଆଳ ପ୍ରାଣ ହରାଇଥିଲେ। ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି। ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ। ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ। କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢ଼ମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି। ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ। ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ। ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତ୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି। ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି।

ବଳଦେବ କଲୋନି, ଜୟୀପୁରା, କେନ୍ଦ୍ରାପଡା

# ମହାତ୍ମାଙ୍କ ଶେଷ ଦିନ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍‌ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତୃମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - ''ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ପାଳନ



ବିଷମ କଟକ (ମହାଭାରତ) : ରାୟଗଡ଼ା ଜିଲ୍ଲା ବିଷମ କଟକ ଠାରେ ବିଜୁ ଜନତା ଦଳ ପକ୍ଷରୁ ବେଶ୍ ଧୂମଧାମରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତି ପାଳନ କରାଯାଇଛି। ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ସ୍ଥାନୀୟ କର୍ମକର୍ତ୍ତାଙ୍କ ଦ୍ୱାରା ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ଓ କାର୍ଯ୍ୟକ୍ରମରେ ବିଷମକଟକ ନିର୍ବାଚନମଣ୍ଡଳୀ ବହୁ ସଂଖ୍ୟାରେ ବିଜେଡି କର୍ମୀ ସାମିଲ ହୋଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କାର୍ଯ୍ୟକ୍ରରେ ବିଭିଭ ବ୍ଲକରୁ ଆସିଥିବା ବିଜେଡି ନେତୃମଣ୍ଡଳୀ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ନାମରେ ନାମିତ ବିଜୁ ଜନତା ଦଳର ଆଗାମୀ ଦିନରେ ହୋଇଥିବା ଜନହିତକାରି ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇଥିଲେ । ପରିଶେଷରେ କର୍ମ କର୍ତ୍ତା ମାନେ ବିଷମ କଟକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ସେଠାରେ ରୋଗୀଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଦେବୀ ପଟନାୟକ, ଚିନା ପଟନାୟକ, ଡି ଶିବା ଦେଶାଇ, ଟୁଟୁ ପଣ୍ଡା, ଅଶ୍ୱିନୀ ପଲକା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତକୁ ଅଣୁଛି ଟାଟା ଷ୍ଟିଲ ଫାଉଣ୍ଡେସନ

କଳିଙ୍ଗନଗର, (ମହାଭାରତ) : କଳିଙ୍ଗନଗର ଅଞ୍ଚଳରେ ଅନେକ ଛାତ୍ରଛାତ୍ରୀ ବିଭିଭ କାରଣରୁ ଅଧାରୁ ପାଠ ଛାଡୁଛନ୍ତି। ଯାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ମଧ୍ୟରୁ ଏଜୁକେସନ ସିଗ୍ନେଚର ପ୍ରୋଗ୍ରାମ (ଇଏସପି) ପ୍ରକଳ୍ପ ହାତକୁ ନେଇଛ। ସେହି ପ୍ରକଳ୍ପ ସହାୟତାରେ ଉପକୃତ ହୋଇଥିବା ଜଣେ ଛାତ୍ରୀ ହେଲେ ଗୀତା ମୁଣ୍ଡାୟଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କଙ୍କଡପାଳ ଗ୍ରାମର ଗୀତା ମୁଣ୍ଡା ବାପାଙ୍କ ମୃତ୍ୟୁ ପରେ ଗୁରୁତର ଆର୍‌ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଯାହା ତାଙ୍କ ପରିବାରକୁ ଗୁରୁତର ଭାବେ ପ୍ରଭାବିତ କରିଥିଲାୟ ଫଳରେ ଗୀତା ମୁଣ୍ଡା ପଞ୍ଚମ ଶ୍ରେଣୀ ସମାପ୍ତ କରିବା ପରେ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ତେବେ ଏହା ଜାଣିବାପରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ଗୀତାଙ୍କୁ ଗୋବରଘାଟି ସ୍ଥିତ ରେସିଡେନ୍ସିଆଲ ବ୍ରିଜ କୋର୍ସ (ଆରବିସି)ରେ ନାମ ଲେଖାଇବା ପାଇଁ ପ୍ରୋତ୍ସାହିତ କରିଥିଲା। ଟିଏସଏଫର ହସ୍ତକ୍ଷେପ ଯୋଗୁଁ ସେ ବେଲୋହାରୀ ଆଶ୍ରମ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ଏବେ ସେ ସାହାରପଡ଼ା ମହାବିଦ୍ୟାଳୟରେ ସ୍ନାତକ ପାଠ ପଢୁଛନ୍ତି। ନିଜ ପ୍ରାରମ୍ଭିକ ସ୍କୁଲ ଦିନକୁ ମନେ ପକାଇ ଗୀତା କୁହନ୍ତି, ମୁଁ କେବେ ଭାବିନଥିଲି ଯେ ମୁଁ ପୁଣିଥରେ ସ୍କୁଲକୁ ଫେରିବି ଏବଂ ପାଠ ପଢିପାରିବି, କିନ୍ତୁ ଟାଟା ଷ୍ଟିଲ ଫାଉଣ୍ଡେସନ ପାଇଁ ଏହିସବୁ ପୁଣିଥରେ ସମ୍ଭବ ହୋଇପାରିଲା। ଯେତେବେଳେ ସେମାନେ ମୋ ପରିବାରକୁ ମୋତେ ରେସିଡେନ୍ସିଆଲ ବ୍ରିଜ କୋର୍ସ କେନ୍ଦ୍ରରେ ନାମ ଲେଖାଇବାକୁ ରାଜି କରାଇଲେୟ ମୁଁ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସମାଜର ସେବା କରିବା ସହିତ ମୋ ପରିବାରକୁ ଆର୍‌ଥିକ ସହାୟତା କରିବାକୁ ଚାହୁଁଛି।ରେସିଡେନ୍ସିଆଲ ବ୍ରିଜ କୋର୍ସ (ଆରବିସି)କୁ ଟାଟା ଷ୍ଟିଲ ଫାଉଣ୍ଡେସନ ଏହାର ଏନଜିଓ ପାର୍ଟନର ଆସ୍ୱାୟାର ମାଧ୍ୟମରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ



ଏହାର ବିଭିଭ ୟୁନିଟ ମଧ୍ୟମରେ ପ୍ରୋତ୍ସାହିତ କରୁଛି, ଯାହା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଏବଂ ଶିକ୍ଷାକୁ ସୁନିଶ୍ଚିତ କରି ସେମାନଙ୍କୁ ମୁଖ୍ୟ ସ୍ରୋତୋରେ ସାମିଲ କରୁଛି ୟସେହିପରି ଯାଜପୁର ଜିଲ୍ଲା, ଦାନଗଦୀ ବ୍ଲକ, ତୁଙ୍ଗେଇସୁଣୀ ଗ୍ରାମର ସାମା ହେମ୍ବ୍ରମଙ୍କ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣାର ବିଷୟ ପାଲଟିଛି। ଉଭୟ ପିତାମାତାଙ୍କୁ ହରାଇବା ପରେ, ସାମାଙ୍କ ପାଖରେ କେବଳ ତାଙ୍କର ବଡ଼ ଭାଇ ଥିଲେ, ଯାହା ଫଳରେ ସେ ପାଠପା ବନ୍ଦ କରି ଗୋପାଳକ ଭାବରେ କାମ କରି ଜୀବିକା ନିର୍ବାହ କରୁଥିଲେ । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ଟମକା ସ୍ଥିତ ରେସିଡେନ୍ସିଆଲ ବ୍ରିଜ କୋର୍ସ ସେ□ରରେ ଯୋଗଦେବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଥିଲା।ଏହି କାର୍ଯ୍ୟକ୍ରମରେ ସେ ଉତ୍କୃଷ୍ଟତା ପ୍ରଦର୍ଶନ କରି ଶେଷରେ କୁଶଭଦ୍ରା ସରକାରୀ ହାଇସ୍କୁଲରେ ନାମ ଲେଖାଇଥିଲେ, ଯେଉଁଠାରେ ସେ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଣୀ ଟପର୍ ହୋଇଥିଲେ ୟସାମା ଏବେ ଯାଜପୁରର ଏକ ସରକାରୀ ପଲିଟେକ୍ନିକ୍ କଲେଜରେ ମାଇନିଂ ଇଞ୍ଜିନିୟରିଂରେ ନାମ ଲେଖାଇଥିଲେ । ବର୍ତ୍ତମାନ ସେ ଡିପ୍ଲୋମା ପାଠ୍ୟକ୍ରମର ଷଷ୍ଠ ସେମିଷ୍ଟର (ଫାଇନାଲ)ରେ ପୁଛନ୍ତି । ସେ କୁହନ୍ତି ଯେ ମୁଁ ସବୁବେଳେ ଜଣେ ଇଞ୍ଜିନିୟର ହେବାକୁ ଚାହୁଁଥିଲି, କିନ୍ତୁ ପରିସ୍ଥିତି ମୋତେ ଅଧାରୁ ପାଠ ଛାଡିବାକୁ ବାଧ୍ୟ କରିଥିଲା ।ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧନ୍ୟବାଦ ଦେବାକୁ ଚାହୁଁଛି, ଟାଟା ଷ୍ଟିଲ ଫାଉଣ୍ଡେସନ ପାଇଁ ମୁଁ ଏବେ ମୋ ସ୍ୱପ୍ନ ପୂରଣ କରିପାରିବି । ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ଏହାର ପ୍ରତିଦାନ ସ୍ୱରୂପ ସମାଜର ମଙ୍ଗଳ କାର୍ଯ୍ୟରେ ନିଜର ଯୋଗଦାନ କରିବାକୁ ଚାହୁଁଛି। ଜାନୁଆରୀ ୨୦୧୫ରେ ଆରମ୍ଭ ହୋଇଥିବା ଟାଟା ଷ୍ଟିଲ ଫାଉଣ୍ଡେସନର ଏଜୁକେସନ ସିଗ୍ନେଚର ପ୍ରୋଗ୍ରାମ (ଇଏସପି)ର ଏକ ପ୍ରମୁଖ ଉପାଦାନ ହେଉଛି ରେସିଡେନ୍ସିଆଲ ବ୍ରିଜ କୋର୍ସ (ଆରବିସି)। ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଶିକ୍ଷାକୁ ସାର୍ବଜନୀନ କରିବା ଇଏସପିର ଲକ୍ଷ୍ୟ କେନ୍ଦୁଝର, ଯାଜପୁର ଓ ସୁନ୍ଦରଗଡ଼ ଜିଲ୍ଲାର ୬ଟି ବ୍ଲକରେ ସ୍ଥାନୀୟ କମ୍ୟୁନିଟି ସଦସ୍ୟ , ଶିକ୍ଷକ ଓ ସମାଜସେବୀଙ୍କ ସହଯୋଗରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ଯାଜପୁରର ଦାନଗଦୀ ଓ ସୁକିନ୍ଦା ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ୪୬୨ଟି ଗ୍ରାମ ଓ ୪୮ଟି ଗ୍ରାମପଞ୍ଚାୟତର ୩୩୧ଟି ସରକାରୀ ବିଦ୍ୟାଳୟ ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛ। ଏହାଦ୍ୱାରା ୨୦୨୪ ଆର୍‌ଥିକ ବର୍ଷ ସୁଦ୍ଧା ୫୬,୧୬୬ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି।ଟିଏସଏଫ ୧୧୩ଟି ବିଦ୍ୟାଳୟରେ ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ୯୦ଟି ଟ୍ୟାବଲେଟ୍ ବଣ୍ଟନ କରିଛି,୭,୭୮୭ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ନେଇ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଶିକ୍ଷଣ ପଦ୍ଧତିକୁ ବ୍ୟାପକ କରିଛି । ଟିଏସଏଫର ଦୀର୍ଘ ମିଆଦି ପ୍ରକଳ୍ପ ଜ୍ୟୋତି ଫେଲୋସିପ ଅଧୀନରେ ଆର୍‌ଥିକ ଅନଗ୍ରସର ଅନୁସୂଚିତ ଜାତି ଏବଂ ଜନଜାତି ପରିବାରର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥାଏୟ ୨୦୨୪ ଆର୍‌ଥିକ ବର୍ଷରେ ୬୦୬ ଜଣ ଛାତ୍ରଛାତ୍ରୀ ଏହି ଫେଲୋସିପ୍ ଜରିଆରେ ଆର୍ଥିକ ସହାୟତା ପାଇଛନ୍ତ।

## କିଏ ଶୁଣିବ ଗୁହାରି ପଞ୍ଚାୟତ କର୍ତ୍ତୃପକ୍ଷ ସାଜିଛନ୍ତି ନିଦା ବିଷ୍ଣୁ



ଟିଟିଲାଗଡ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ପଂଚାୟତ ର ୬ ନଂ ୱାଡ଼ ରେ ପ୍ରାୟ ୫୦୦ ଲୋକ ବସବାସ କରନ୍ତି । ଲୋକ ଙ୍କ ଦୁଃଖ ସୁଖ ବୁଝିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ପଞ୍ଚାୟତ ମାନଙ୍କୁ ଦେଉଛନ୍ତି କ୍ଷ ,ସେଥି ମଧ୍ୟ ରୁ ବସ୍ତି ର ମୁଖ୍ୟ ଛକ ଠାରେ ଧୀର୍ଘ ୬ ରୁ ୭ ମାସ ହେଲା ୪ ଗୋଟି ଷ୍ଟ୍ରିଟ୍ ଲାଇଟ ଜଳୁନାହିଁ ଯାହାଫଳରେ ଅନେକ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ସବୁ ସୁବିଧା ସୁଯୋଗ ଥାଇ ମଧ୍ୟ ଦୀର୍ଘ ଦିନ ହେଲା ଲାଇଟ ଗୁଡିକ ଅଚଳ ଯାହାକି । ଜନସାଧାରଣ ରାତ୍ରି ସମୟ ରେ ହନ୍ତସନ୍ତ ହେଉଛନ୍ତି ,ସୂଚନା ଏହିକିଯେ ଷ୍ଟ୍ରିଟ୍ ଲାଇଟ ଗୋଟିଏ ଘରୁଆ ସଂସ୍ଥା କୁ ଦିଆଯାଇଛି । ତାର ରକ୍ଷଣା ବେକ୍ଷଣା କରିବା ପାଇଁ ସଂସ୍ଥା ଦଉତ୍ୟ ନେଇଛି । ଏତେ ବିଳମ୍ବ ହୋଇ ଥିଲେ ହିଁ ବାରମ୍ବାର ଅଭିଯୋଗ କଲେ ମଧ ପଂଚାୟତ କର୍ତ୍ତୃପକ୍ଷ ନିରବ କାହିଁକି । ଏଠି ପ୍ରଶ୍ନ ଉଠୁଛି ରକ୍ଷଣା ବେକ୍ଷଣା ର ଟଙ୍କା ସଂସ୍ଥା କୁ ନଦେଇ ପଂଚାୟତ ହଡପ କରିନାହିଁତ । ତେଣୁ ସରକାର ତୁରନ୍ତ ଉକ୍ତ ଲାଇଟ କୁ ମରାମତି କରିବା ସହ ଦୋଷୀ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର, କପିଳ ସାହୁ , ଦୂର୍ବାଦଳ ସାହୁ, ରମାକାନ୍ତ ସାହୁ , ଯୁଦିଷ୍ଠି ସାହୁ, ଟୁନୁ ସାହୁ, ଲକ୍ଷ୍ମୀ ସାହୁ, ଟିଟୁନ ସାହୁ,ଶିବ ସାହୁ, ଭୂପିନ୍ଦର ସାହୁ ମତ ପ୍ରକାଶ କରିଛନ୍ତି । ଏନେଇ ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହେଉଛି ।

## ବୁଡାଗୁଡ଼ା ଆର୍ ଏମ୍ ସି ମଣ୍ଡି ଠାରେ ଚାଷୀ ଅସନ୍ତୋଷ ଘଟଣା, ତଦନ୍ତ ପାଇଁ ଆସିଲେ ଉପରିସ୍ଥ ଅଧିକାରୀ ଅଭିଯୋଗ କରିଥିବା ଚାଷୀଙ୍କ ଆକାଉଣ୍ଟକୁ ଆସିଲା ଟଙ୍କା

ର । ୟ ଗ ଡ . । / କଲ୍ୟାଣସିଂହପୁର(ମହାଭାରତ) ):- ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡା ଆର୍ ଏମ୍ ସି ଠାରେ ସୋମବାର ବାର ଦିନ ଚାଷୀଙ୍କ ଏକାଉ□ କୁ ଟଙ୍କା ନ ଆସିଥିବା ନେଇ ହଟ୍ଟଗୋଳ ହେବା ଦେଖିବାକୁ ମିଳିଥିଲା ଏହା ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ବୁଧବାର ଦିନ ଉପରିସ୍ଥ ଅଧିକାରୀ ଏହାକୁ ଗୁରୁତ୍ୱ ସହ ନେଇ ଏହାର ଅନୁଧ୍ୟାନ କରି ସମସ୍ୟାର ସମାଧାନ



କରିଥିଲେ ଏବଂ ମଙ୍ଗଳ ବାର ହିଁ ଉକ୍ତ ଚାଷୀଙ୍କ ଏକାଉଣ୍ଟକୁ ଟଙ୍କା ଆସିଥିଲା ଏଥିପାଇଁ ଉକ୍ତ ଚାଷୀ ବିଶିକେସନ ନେମାଲପୁରି ସମସ୍ତଙ୍କୁ ଧନ୍ୟବାଦ୍ ଜଣେଇଛନ୍ତି। ରାୟଗଡ଼ା ମୂଖ୍ୟ ଅଧିକାରୀ ଏ ଆର୍ ସି ଏସ ଜନ୍ମେଜୟ ମହାପାତ୍ର ଙ୍କ ସହ ଏସ ସି ସି ଓ ରାୟଗଡ଼ା, ଆର୍ ଏମ୍ ସି ସେକ୍ରେଟାରୀ ନିଜେ ମଣ୍ଡି କୁ ଆସି ସ୍ଥିତି ଅନୁଧ୍ୟାନ କରିବା ସହ ମଣ୍ଡି ସୁରୁଖରେ ଚାଲିବା ନେଇ ଅଧିକାରୀ ତଥା କର୍ମଚାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ଆର୍ ଏମ୍ ସି ଲେମ୍ପ ଏମ୍ ଡି ଚିନ୍ମୟ ତ୍ରିପାଠୀ, ଏମ୍ ଆଇ କଲ୍ୟାଣସିଂହପୁର, ମିଲରସ୍ୱ , କଲ୍ୟାଣସିଂହପୁର ମଣ୍ଡଳ ବିଜେପି ସଭାପତି ଅଜ୍ଜି ପାଣିଗ୍ରାହି , ସ୍ଥାନୀୟ ଚାଷୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ



ବାଣପୁର : ( ମହାଭାରତ )ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ବ୍ଲକ ବିଜୁ ଜନତାଦଳ ପକ୍ଷରୁ ପ୍ରବାଦପୁରୁଷ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ ବାଣପୁର ଜୋନ ନମ୍ବର ୧୫ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ବିଜେଡି ବ୍ଲକ ଉପ ସଭାପତି ଯଦୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା ଯୋଗଦେଇ ଗ୍ରାମା□ଳର ବିକାଶ ହେଲେ ଦେଶର ବିକାଶ ସମ୍ଭବ ।ଯାହା ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନ ଥିଲା ୟ ତାଙ୍କ ସମୟରେ ତ୍ରୀସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଆରମ୍ଭ ହୋଇଥିବା ବେଳେ ମହିଳାଙ୍କୁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ତାଙ୍କ ଜନ୍ମ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ ନ କରିବା ଦୁଃଖଦାୟକ ବୋଲି କହିଥିଲେୟ ପ୍ରାରମ୍ଭରେ କର୍ମକର୍ତାମାନେ ମେଡିକାଲ ଛକ ସ୍ଥିତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପମାଳ ପ୍ରଦାନ କରି ଓଡିଶାର ବିକାଶ ପାଇଁ ବିଜୁ ପଟ୍ଟନାୟକଙ୍କ ଅବଦାନ ଓ ଜିବନୀ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟେକ୍ରମରେ ଚିତ୍ତ ରଂଜନ ସାମନ୍ତରାୟ, ମିକୁନ ସାହୁ,ଆଶୁତୋଷ ପାଢି, ଜୟସେନ ବେହେରା, ନିରଞ୍ଜନ ପ୍ରଧାନ, ରାଜା ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ।

## ପାନୀୟଜଳ ଯୋଗାଣ ଓ ଡ୍ରେନ ପାଣି ନିଷ୍କାସନ ସମସ୍ୟା
## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ରେଙ୍ଗାଲିକ୍ୟାମ୍ପ: ବରଗଡ଼ ଜିଲ୍ଲା ଅତାବିରା ବ୍ଲକ କୁଲିତା ଟୁକୁରା ପଞ୍ଚାୟତ ର ଗାନ୍ଧିଟିକ୍ରା ଗ୍ରାମରେ ନିୟମିତ ପାନୀୟ ଜଳ ଯୋଗାଣ କରାଯାଉନାହିଁ। ଡ୍ରେନ ପାଣି ନିଷ୍କାସନ ଠିକ ଭାବରେ ହେଉନାହିଁ। ଯାହାଫଳରେ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ପ୍ରତିବାଦରେ ଗ୍ରାମବାସୀମାନେ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ୩ ଘଣ୍ଟା ଧରି ତାଲା କରାଯିବାରୁ ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଓ ଭିତରେ ଥିବା ହିତାଧିକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ସୂଚନା ପାଇ ଘଟଣା ସ୍ଥଳକୁ ଗୋଡ଼ଭଗା ଫାଣ୍ଡି ଅଧିକାରୀ ଓ ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପହଞ୍ଚିଥିଲେ। ପଞ୍ଚାୟତକୁ ମାଗଣା ଚାଉଳ ନେବାକୁ ଆସିଥିବା ହିତାଧିକାରୀମାନେ ଭିତରେ ଦୀର୍ଘ ୩ ଘଣ୍ଟା ରହି ହଟହଟା ହୋଇଥିବାରୁ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ।ଅନ୍ୟପଟେ ଡ୍ରେନ ପାଣି ନିଷ୍କାସନ ହେଉ ନ ଥିବାରୁ ଦୁର୍ଗନ୍ଧରେ ଗ୍ରାମବାସୀ ଅତିଷ୍ଠ ହେଉଛନ୍ତି। ତେଣୁ ବାଧ୍ୟ ହୋଇ ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିବା ଗ୍ରାମବାସୀ କହିଥିଲେ। ପାନୀୟ ଜଳ ସମସ୍ୟା ଦେଖାଯାଉଥିବାରୁ ଏ ବିଷୟରେ ଦିନକୁ ଦିନ ଅଞ୍ଚଳରେ ଜନ ଅସନ୍ତୋଷ ବଢ଼ିଚାଲିଛି। ଏ ବିଷୟ ରେ ପଞ୍ଚାୟତ ଜିଆରଏସ ରବୀନ୍ଦ୍ର କଲତାଙ୍କୁ ପଚରାଯିବାରୁ ଡ୍ରେନ ସଫେଇ କରାଯିବ ଏବଂ ଅଭିଯୋଗ କରିଥିବା ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି କରିଥିଲେ ।ଏ ବିଷୟ ରେ ଗୋଡ଼ଭଗା ଫାଣ୍ଡି ଅଧିକାରୀ ଗଣେଶ



ବାରିକ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ କରାଯାଉଛି। ତେବେ ପ୍ରଶାସନ ଓ ପୁଲିସ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତ ଭିଏଲଡବ୍ଲ୍ୟୁ, ଜିଆରଏସ, ବ୍ଲକ ଜିପି ଓ ଫାଣ୍ଡି ଅଧିକାରୀ ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କଲା ପରେ ଫାଟକରୁ ଖୋଲାଯାଇଥିଲା।

## ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ର ସାଧାରଣ ବୈଠକ




ପାରାଦୀପ(ମହାଭାରତ): କାର୍ଯ୍ୟରତ ସାମ୍ବାଦିକ ଙ୍କ କଲ୍ୟାଣ ନିମନ୍ତେ ପ୍ରତିଷ୍ଠିତ 'ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ର ଚତୁର୍ଥ ସାଧାରଣ ବୈଠକ ପାରାଦୀପ ସ୍ଥିତ ପୋର୍ଟ କ୍ଲବ ପରିସରରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଟ୍ରଷ୍ଟ ର ଉପଦେଷ୍ଟା ରବୀନ୍ଦ୍ର କୁମାର ଜେନାଙ୍କ ପୌରାହିତ୍ୟ ରେ ଆୟୋଜିତ ସାଧାରଣ ବୈଠକରେ ଟ୍ରଷ୍ଟ ର ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା,ଅଧକ୍ଷ ରତ୍ନାକର ସ୍ୱାଇଁ, ସଭାପତି ଶଶାଙ୍କ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ସନ୍ତୋଷ ଭାରତୀ ପ୍ରମୁଖ ଯୋଗଦେଇ ସାମ୍ବାଦିକ ଙ୍କ କଲ୍ୟାଣ ନିମନ୍ତେ ବିଭିଭ ପ୍ରସ୍ତାବ ଉପରେ ଆଲୋଚନା କରି ସଂଗଠନ କୁ ଗତିଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କ ଆର୍ଥିକ ବିକାଶ ଉପରେ ଆଲୋଚନା କରି ବିଭିଭ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏତଦବ୍ୟତୀତ ସାମ୍ବାଦିକ ଙ୍କ ମୃତ୍ୟୁ, ଚିକିତ୍ସା ଓ ଅନ୍ୟାନ୍ୟ ଅସୁବିଧା ସମୟରେ ସେମାନଙ୍କୁ ଆର୍ଥିକ ସହାୟତା ପାଇଁ କଲ୍ୟାଣ ପାଣ୍ଠି ଗଠନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା ।

## ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ଙ୍କ କଳାହାଣ୍ଡି ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ

କଳାହାଣ୍ଡି/ମହାଭାରତ : ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା, ଓଡ଼ିଶା, ଗଣେଶ ରାମ ସିଂ ଖୁଣ୍ଟିଆ ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଆସି ଆଜି ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ସରକାରଙ୍କର ଚାଲିଥିବା ବିଭିଭ ଉନ୍ନୟନ ମୂଳକ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଜଳସେଚନ, ଗମନାଗମନ, ଗ୍ରାମ୍ୟ ଉନ୍ନୟନ, ପ୍ରଧାନମନ୍ତ୍ରୀ ଆବାସ, ବେସାମରିକ ଯୋଗାଣ, ଖରିଫଧାନ ସଂଗ୍ରହ, ନିର୍ମାଣ ଶ୍ରମିକ, ବାର୍ଦ୍ଧକ୍ୟ ଭତ୍ତା, ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଓ ପରିଚାଳନା, ଜଙ୍ଗଲ, ଉଦ୍ୟାନ କୃଷି ଇତ୍ୟାଦି ବିଭାଗୀୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ଥିଲେ ।କଳାହାଣ୍ଡି ଜିଲ୍ଲାର ସର୍ବାଙ୍ଗୀନ ଉତ୍ତତି ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଜନକଲ୍ୟାଣ ସରକାରୀ ଯୋଜନା, କାର୍ଯ୍ୟକ୍ରମକୁ ସଫଳତାର ସହିତ ଜନହିତରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜନହିତରେ ଉଦ୍ଦେଶ୍ୟ ସରକାରୀ ଯୋଜନାରୁ କୌଣସି ଯୋଗ୍ୟବ୍ୟକ୍ତି ଯେପରି ବାଦ ନପଡନ୍ତି ସେଥି ପ୍ରତି ଅଧିକ ଧ୍ୟାନ ଦେବାପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମଋତୁରେ ଗ୍ରାମା□ଳରେ ପାନୀୟଜଳର ସଙ୍କଟ ଆଶଙ୍କା ଥିବାରୁ ବି.ଡି.ଓ. ମାନେ ଏହାକୁ ଗୁରୁ ଦେଇ ଗ୍ରାମା□ଳରେ ଲୋକଙ୍କ ସୁବିଧା ପାଇଁ ପାନୀୟଜଳର ସୁବ୍ୟବସ୍ଥା କରିବା ପାଇଁ ମଧ୍ୟ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ସଭାପତି ଭା.ଜ.ପା. ଯୁଗଳ କିଶୋର ପୋଢ, ଏସ୍.ପି. ନାଗରାଜ ଡି., ଅତିରିକ୍ତ ଜିଲ୍ଲାପାଳ (ସା.) ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟୀ ପାଢୀ, ଡି.ଏଫ.ଓ. (ଉତ୍ତର) ଅନୁରାଗ ମିଶ୍ର, ଡି.ଏଫ.ଓ. (ଦକ୍ଷିଣ) କଳାଇ ଭାନାନ. ଆର., ଉପଜିଲାପାଳ ଧର୍ମଗଡ଼ ଧୀମାନ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିଭ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟୀ ପାଢୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଭାଗିରଥିପୁର ପଞ୍ଚାୟତରେ ସୁଭଦ୍ରା ରାଲି



ହିନ୍ଦୋଳ(ମହାଭାରତ)ରାଜ୍ୟରେ ଆରମ୍ଭ ହୋଇଛି ସୁଭଦ୍ରା ରାଲି ।ରାଜ୍ୟର ସବୁ ପଞ୍ଚାୟତାରେ ହେବ ସୁଭଦ୍ରା ରାଲି। ସେହିଭଳି ଆଜି ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ନୟାଭାଗିରଥିପୁର ପଞ୍ଚାୟତରେ ସୁଭଦ୍ରା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ନୟାଭାଗିରଥିପୁର ପଞ୍ଚାୟତରୁ ଆରମ୍ଭ ହୋଇ ନୟାଭାଗିରଥିପୁର ପୂର୍ବ ବାଡ ଏବଂ ପଶ୍ଚିମ ବାଡ ଦେଇ ଯାଇଥିଲା। ଏହି ରାଲିରେ ନୟାଭାଗିରଥିପୁର ପଞ୍ଚାୟତ ସରପଞ୍ଚ ଜତି ନାୟକ,ପଞ୍ଚାୟତ ଏ.ଡି.ଓ. ରିତାରାଣୀ ସାହୁଙ୍କ ସମେତ ପଞ୍ଚାୟତର ପ୍ରାୟ ୧୦୦ ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ। ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ପର୍ଯ୍ୟନ୍ତ ଏହି ରାଲି ଚାଲିବ।ମହିଳା ସଶକ୍ତିକରଣ ଓ ସାମାଜିକ କଲ୍ୟାଣ ବାର୍ତ୍ତା ଆଧାରରେ ଏହି ରାଲି ଅନୁଷ୍ଠିତ ହେବ।

## ଆସିକା ବିଜେଡି ପକ୍ଷରୁ ବିଜୁବାବୁ ଙ୍କ ୧୦୯ ତମ ଜନ୍ମଜୟନ୍ତୀ ପାଳନ



ଆସିକା (ମହାଭାରତ): ଆସିକା ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁ ଙ୍କ ୧୦୯ ତମ ଜନ୍ମ ଜୟନ୍ତି ଉତ୍ସବ ମହାଆଡ଼ମ୍ବର ସହ ପାଳନ ହୋଇଯାଇଛି । ପୂର୍ବତନ ବିଜେଡି ସାଂସଦ ପ୍ରମିଳା ବିଷୋୟୀ,ପୂର୍ବତନ ବିଜେଡି ବିଧାୟକ ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ସକାଳୁ ବିଜୁ ଜନତା କାର୍ଯ୍ୟାଳୟ ଠାରୁ ଦଳୀୟ କର୍ମୀ ମାନଙ୍କ ସହିତ ଏକ ବିଶାଳ ଶୋଭା ଯାତ୍ରାରେ ବାହାରି ଆସିକା ବିଜୁ ପଟ୍ଟନାୟକ ଛକଠାରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଆସିକା ମେଡିକାଲର ରୋଗୀ ମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଶେଷରେ ବୁଜୁ ବାବୁଙ୍କ ଉଦ୍ଦେଶ୍ୟରେ ବିଜେଡି କାର୍ଯ୍ୟାଳୟ ଠାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସକୁ ମନେ ରଖିବା ପାଇଁ ପଞ୍ଚାୟତ ରାଜ ଦିବସ ରୂପେ ଓଡ଼ିଶାରେ ପାଳନ କରାଯାଉଥିଲା କିନ୍ତୁ ବିଜେପି ସରକାର ଏହାକୁ ବାତିଲ କରିଥିବା ଯୋଗୁଁ ଏହାର ପ୍ରତିବାଦ କରିବା ପାଇଁଏକ ପ୍ରତିବାଦ ଶୋଭାଯାତ୍ରା କରିଥିବାକୁ ସ୍ଥିର କରାଯାଇଛି ।ଏହି ଅବସରରେ ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ଭବନୀ ଶଙ୍କର ମଲ୍ଲିକ, ଶିବ ନାହକ, ସନ୍ତୋଷ ପୋଲାଇ, ବିଦ୍ୟାନ୍ତ ଚର୍ଚି, ସନ୍ତୋଷ ନାୟକ, ଅନିଲ ନାୟକ, ରଞ୍ଜନ ବିଷୋୟୀ, ଜିଲ୍ଲା ପରିଷଦ ବି. ମନୋଜ ଦୋରା, ରଞ୍ଜନ ବିଷୋୟୀ, ବିଜୟ ନାହକ, ଗୌର ହରି ବେହେରା, ଜୟସେନ ସ୍ୱାଇଁ, ନିଳମାଧବ ସ୍ୱାଇଁ, ଭରତ ନାହକ, ଦେବରାଜ ନାହକ, ପ୍ରତାପ ପ୍ରଧାନ, ସନ୍ତୋଷ ବେହେରା, ମୁନା ବାରିକ, ଜିତେନ୍ଦ୍ର ମହାରଣା, ନିଗମାନନ୍ଦ ରାଉତ,ବିମଳ ପ୍ରଧାନ, ସୁକାନ୍ତ ସାହୁ, ସଞ୍ଜୀବ ମହାରଣା, କାହ୍ନୁଚରଣ ପାତ୍ର, କାହ୍ନୁ ଦଳଇ, ମଦନ ମୋହନ ନାୟିକ, ଉଦିତ ପାଢ଼ୀ, କେଶବ ଦାସ, ସନ୍ତୋଷ ନାହକ, ଆକାଶ ସ୍ୱାଇଁ, ଟୁନା ସାମନ୍ତରା, ଶିବରାମ ପାଣିଗ୍ରାହୀ ସମେତ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

# ମରାମତିର ଛଅ ମାସ ନପୂରୁଣୁ ପୁଣି ଭାଙ୍ଗି ଆଁ କଲାଣି ଋଷିକୂଲ୍ୟା ସେତୁ

ଆସିକା(ମହାଭାରତ): ଆସିକା ସହରକୁ ସଂଯୋଗ କରୁଥିବା ଋଷିକୂଲ୍ୟା ସେତୁଟି ର ବିଭିନ୍ନ ସ୍ଥାନରେ ଗତ୍ର ସାଙ୍ଗକୁ ଲୁହା ଛଡ଼ ବାହାରି ପଡିଥିଲା ବାରମ୍ବାର ଅଭିଯୋଗ ପରେ ଗତ କିଛି ମାସ ତଳେ ଜାତୀୟ ରାଜପଥ ବିଭାଗ ଦ୍ୱାରା ଉକ୍ତ ସେତୁଟିକୁ ମରାମତି କରାଯାଇଥିଲା । ହେଲେ ବର୍ତ୍ତମାନ ପୁଣି ସେତୁଟିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ଲୁହା ରଡ୍ ବାହାରି ପଡିଥିବା ଦେଖିବାକୁ ମିଳିଛି । ଫଳରେ ଗାଡି ଚଳାଚଳ ସମୟରେ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଆସିକାକୁ ସଂଯୋଗ କରୁଥିବା ଋଷିକୁଲ୍ୟା ସେତୁର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ଯୋଗୁଁ ବିଭାଗୀୟ



କର୍ତ୍ତୃପକ୍ଷ ପିଚୁ ପକାଇ ନିଜ କାମ ସାରିଦେଉଥିବା ବେଳେ ତାର ସ୍ଥାୟୀ ମରାମତି କରାନଗଲେ ଜନସାଧାରଣଙ୍କ ମନରେ ଦେଖା ଦେଉଥିବା ଅସନ୍ତୋଷ ଆଗାମୀ ଦିନରେ ଉଗ୍ରରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ସାଧାରଣରେ ଆଲୋଚିତ ହେଉଛି । ପ୍ରକାଶ ଥାଉକି ଗମନାଗମନର ସୁବିଧା ଲାଗି ବ୍ରିଟିଶ୍ ଶାସନ ସମୟରେ ଆସିକା ସହର ଉପକଣ୍ଠରେ ୧୮୫୯ରେ ୧୮ ନଳା ବିଶିଷ୍ଟ ଏକ ସେତୁ ସ୍ଥାପନ କରାଯାଇଥିଲା । ତେବେ ୧୯୯୦ ନଭେମ୍ବର ୪ରେ ହୋଇଥିବା ପ୍ରଳୟଙ୍କାରୀ ମହାବନ୍ୟାରେ ବ୍ରିଟିଶ୍ ଶାସନ ସମୟରେ ସ୍ଥାପିତ ଏହି ପୋଲଟି ଭାଙ୍ଗି ଯାଇଥିଲା । ପରେ ବିଶ୍ ବ୍ୟାଙ୍କର ଆର୍ଥିକ ଅନୁଦାନରେ ପ୍ରାୟ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଉତ୍ତରପ୍ରଦେଶ ବ୍ରିଜ୍ କର୍ପୋରେସନ୍ ଦ୍ୱାରା ଏକ ନୂତନ ସେତୁ ନିର୍ମାଣ କରାଯାଇଥିଲା ଓ ୧୯୯୬ ଅଗଷ୍ଟ ୪ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭପଟ୍ଟନାୟକଙ୍କ ଦ୍ୱାରା ଏହି ଋଷିକୂଲ୍ୟା ସେତୁ ଲୋକାର୍ପିତ ହୋଇଥିଲା । ତେବେ ସେତୁ ନିର୍ମାଣର ଦୀର୍ଘ ୨୮ ବର୍ଷ ପରେ ସେତୁଟି ମରାମତି କାର୍ଯ୍ୟ ଠିକ ଭାବେ ନକରିବା ଯୋଗୁଁ ବାରମ୍ବାର ଭାଙ୍ଗି ଫାଟ ସୃଷ୍ଟି ହୋଇଥିବା ଯୋଗୁଁ ସାଧାରଣ ଜନତା ସେତୁ ଉପରେ ଯାତାୟାତ କରିବାକୁ ନିରାପଦ ମଣୁ ନଥିବା ଦେଖୁବାକୁ ମିଳୁଛି । ୫୯ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ଋଷିକୂଲ୍ୟା ନଦୀ ସେତୁ ଉପରେ ଦୈନିକ ବିଭିନ୍ନ ବିଭାଗର ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜନେତା ମାନେ ଯାତାୟାତ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ସେଭଳି କୌଣସି ସୁଚିନ୍ତିତ ପଦକ୍ଷେପ ନେଉନଥିବା ଯୋଗୁଁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି ଓ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନଦେଇ ଋଷିକୂଲ୍ୟା ସେତୁର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ସଂପନ୍ନ କରିବ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ତଥା ଅଞ୍ଚଳ ବାସୀ ଦୃଢ ଦାବୀ କରୁଛନ୍ତି ।

## ଆସିକା ରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା ମାଧ୍ୟମରେ ମହିଳାଙ୍କୁ ସଚେତନତା

ଆସିକା (ମହାଭାରତ): ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରାଜ୍ୟ ସରକାର ମହିଳା ମାନଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ଦେବାକୁ ଥିବା ବେଳେ । ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସହାୟତା ରାଶି କିପରି ଯୋଗ୍ୟ ହିତାଧିକାରୀ ମହିଳା ମାନେ ପାଇବେ । ଯେଉଁ ମାନେ ଏ ଯାଏଁ ସୁଭଦ୍ରା ଯୋଜନାରେ ଆବେଦନ କରିବାରୁ ବଞ୍ଚିତ ରହିଛନ୍ତି ସେମାନେ କିପରି ଆବେଦନ କରିବେ ସେ ନେଇ ସଚେତନ କରିବା ପାଇଁ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ର ସମସ୍ତ ପଞ୍ଚାୟତ ଓ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସମନ୍ୱିତ ଶିଶୁ



ବିକାଶ ପ୍ରକଳ୍ପ ପକ୍ଷରୁ ଏକ ସୁଭଦ୍ରା ସଚେତନତା ଶୋଭାଯାତ୍ରା କରା ଯାଇଥିଲା । ଏହି ଶୋଭାଯାତ୍ରାରେ ଅଙ୍ଗନୱାଡ଼ି କର୍ମୀ, ମିଶନଶକ୍ତି ମହିଳା, ବିଜ୍ଞାପିତ ଅ□ଳ ପରିଷଦ ର ସମସ୍ତ କର୍ମୀ ଙ୍କ ସମେତ ପଞ୍ଚାୟତଓ ଏନ ଏ ସୀ ର ଅନେକ ମହିଳା ଯୋଗଦେଇଥିବା ବେଳେ ଏକ ଗ୍ରାମ୍ୟ ସଭା ମାଧ୍ୟମରେ ସୁଭଦ୍ରା ଯୋଜନାକୁ ମହିଳା ମାନଙ୍କୁ ସଚେତନ କରାଯାଇଛି । ସରକାରଙ୍କ ସୁଭଦ୍ରା ଯୋଜନା ରେ ସାମିଲ ହୋଇ ମହିଳା ମାନେ ସ୍ୱାଭଲମ୍ୱୀ ହୋଇ ପାରିବେ ।

## ଛତିଆ ରାଜ ଦୋଳମିଳନ ୨୦୨୫ ପାଇଁ ସାମ୍ବାଦିକ ସମ୍ମିଳନୀ

ବଡଚଣା,୫ଯ୩,(ମହାଭାରତ) ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ସର୍ବ ପୁରାତନ ଛତିଆ ଐତିହ ସମ୍ପର୍କ ରାଜ ଦୋଳ ମିଳନ ମହୋତ୍ସବ ୨୦୨୫ ଲାଗି ସାମ୍ୱାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି ରାଜ ଦୋଳ ମିଳନ କମିଟିର ଆବାହକ ତଥା ଉତ୍କଳ ସର୍ବୋଦୟ ମଣ୍ଡଳ ରାଜ୍ୟ ସଭାପତି ମିହିର ପ୍ରତାପ ଦାସ । ଏହି ମହୋତ୍ସବ ଚଳିତ ମାସ ୬ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ ।ଏହି ପ୍ରଦର୍ଶନୀ ମେଳାରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜିଲ୍ଲା ହସ୍ତ ଶିଳ୍ପ କାର୍ଯ୍ୟାଳୟ ଯାଜପୁର ଆନୁକୂଲ୍ୟରେ ଅନୁଷ୍ଠିତ ହେଉଅଛି । ଏହି ପ୍ରଦର୍ଶନୀରେ ୮୦ ଗୋଟି ବିଭିନ୍ନ ହସ୍ତ କଳା କାରୁକାର୍ଯ୍ୟ ସମ୍ପର୍କ ପ୍ରଦର୍ଶନୀ ଷ୍ଟଲର ବ୍ୟବସ୍ଥା କରାଯାଇ ଥିବା ବେଳେ, ଆକର୍ଷଣୀୟ କଳାକୃତି ର ୪ ଗୋଟି ଡେମୋ ଷ୍ଟଲର ବ୍ୟବସ୍ଥା କରାଯାଇଛି । ରାଜ୍ୟର ପ୍ରାୟ ୨୦ ଗୋଟି ଜିଲ୍ଲାରୁ ୧୨୦ ଜଣ ହସ୍ତଶିଳ୍ପ କାରିଗର ପ୍ରଦର୍ଶନୀରେ ଯୋଗ ଦେବା ସହିତ ପୁସ୍ତକ ମେଳା ,କୃଷି



ମେଳା ର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ହସ୍ତଶିଳ୍ପ ଶହ ନିର୍ଦ୍ଦେଶକ ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି । ଏହି ମହୋତ୍ସବ କୁ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବେ, ଚଳିତ ବର୍ଷ ପ୍ରଦର୍ଶନୀରେ ହସ୍ତଶିଳ୍ପ କଳା କାରିଗର ମାନେ ସେମାନଙ୍କ କଳା ପ୍ରଦର୍ଶନୀ କରିବା ସହିତ ଖୁବ୍ ଭଲ ବ୍ୟବସାୟ କରିବାକୁ ଆଶା ରଖିଛନ୍ତି । ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କମିଟି ପକ୍ଷରୁ କରାଯାଇ ଥିବା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ସରପଞ୍ଚ ରମେଶ ପୃଷ୍ଟି, ସ୍ଥାନୀୟ ସମିତିସଭ୍ୟ ଦୀପକ ସାହୁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝା ଯୋଗଦେଇ ଥିବା ବେଳେ ,ସମାଜ ସେବୀ ସନ୍ତୋଷ କୁମାର୍ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଦ୍ୟାଳୟରେ ଅଗ୍ନିସେବା ତରଫରୁ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ



ବାଣପୁର : ( ମହାଭାରତ )ବାଣପୁର ବ୍ଲକ୍ ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଲିଡିହି ରେ ସୁରକ୍ଷା ଓ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀଙ୍କ ଅଧ୍ୟକ୍ଷତାରେ ବାଣପୁର ଅଗ୍ନିସେବା କେନ୍ଦ୍ର ଅଧିକାରୀ ଶ୍ରୀ ନିରଞ୍ଜନ ବେହେରା ଓ ତାଙ୍କ ସାଥିଙ୍କ ନେତୃତ୍ୱରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାର ସୁରକ୍ଷା ଓ ସଚେତନତା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରକାର ର ନିଆଁ,ସାପ କାମୁଡା, ବଜ୍ରପାତ, ଅଂଶୁଘାତ,ସଡ଼କ ଦୁର୍ଘଟଣା, ପାଣିରେ ବୁଡିଯିବା, ଗ୍ୟାସ ସିଲିଣ୍ଡର ନିଆଁ ରୁ ନିଜକୁ ତଥା ଅନ୍ୟ ର ଜୀବନକୁ କିପରି ବଞ୍ଚାଇପାରି ପ୍ରଶିକ୍ଷଣ ମାଧ୍ୟମରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ତଥା କମିଟିର ସଭ୍ୟ ସଭ୍ୟା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସଚେତନତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ପରିଚାଳନା କମିଟି ଅଧ୍ୟକ୍ଷ ପ୍ରହଲ୍ଲାଦ ଲେଙ୍କା, ସନ୍ତୋଷ କୁମାର ଷଡଙ୍ଗୀ, ପ୍ରଦୀପ କୁମାର ସାହୁ, ରବିନାରାୟଣ ସାହୁ, ତନୁଜା ଘଡାଇ,ମାନସ ପଲାଇ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଖୋର୍ଦ୍ଧାରେ ବିଜୁ ଜୟନ୍ତୀ ପାଳିତ



ଖୋର୍ଦ୍ଧା;(ମହାଭାରତ): ଓଡ଼ିଶା ଇତିହାସରେ ଜଣେ କିମ୍ବଦନ୍ତୀ ବ୍ୟକ୍ତି ଭାବେ ପରିଗଣିତ ପ୍ରବାଦ ପୁରୁଷ ତଥା ଟଲ୍ ମ୍ୟାନ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପରି ମହାନ ବ୍ୟକ୍ତିଙ୍କୁ ମନେ ପକାଇବାକୁ ଯାଇ ଖୋର୍ଦ୍ଧା ବିଜୁ ଜନତା ଦଳ ପକ୍ଷରୁ ୧୦୯ତମ ବିଜୁ ଜୟନ୍ତୀ ପାଳିତ ହୋଇ ଯାଇଛି । ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବିଜୁପ୍ରେମୀ ଏକତ୍ରିତ ହୋଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟ ବିଜୁ ପଟ୍ଟନାୟକ ପାର୍କରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରିଥିବା ବେଳେ ବିଜୁପ୍ରେମୀ ଏକ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହିତ ବିଜୁ ପଟ୍ଟନାୟକ ଅମର ରହେ ନାରା ଦେଇଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଇଗଲ୍ କ୍ଲବ୍ ପରିସରରେ ବିଧାୟକ ସାହୁଙ୍କ ଦ୍ୱାରା ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ଜିଲ୍ଲା ପରିଷଦ ସଭ୍ୟ, ଟାଙ୍ଗି ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପ□, କାଉନସିଲର ଏବଂ ବିଜୁ ପ୍ରେମୀ ଯୋଗ ଦେଇଥିଲେୟ ବିଧାୟକ ଶ୍ରୀ ସାହୁଙ୍କ ବ୍ୟତୀତ ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟା ସିଂହ ଏବଂ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ବିଜୁ ବାବୁଙ୍କ ନୀତି ଆଦର୍ଶରେ ପରିଚାଳିତ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏବେ ମଧ୍ୟ ଓଡିଶାର ପ୍ରତ୍ୟେକଟି ଲୋକଙ୍କ ହୃଦୟରେ ଅଛନ୍ତି । ତେଣୁ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗାମୀ ଦିନରେ ଲୋକଙ୍କ ସେବା କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ ଏବଂ ପରିଶେଷରେ ବିଧାୟକ ଶ୍ରୀ ସାହୁ ଏଂ ସମସ୍ତ ବିଜୁ ପ୍ରେମୀ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଚିକିତ୍ସାଧୀନ ରୋଗୀ ମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।

## ଆମ କଳା ଆମ ସଂସ୍କୃତି ମହାସଂଘ ପକ୍ଷରୁ ପ୍ରାଥମିକ ବୈଠକ

ଆସିକା (ମହାଭାରତ): ରାଜ୍ୟ ଆମ କଳା ଆମ ସଂସ୍କୃତି ମହାସଂଘ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ଶାଖା ଗଠନ ସକାଶେ ରାଜ୍ୟ କଳାକାର ମହସଙ୍ଘ ଉପସଭାପତି ତଥା ଗଞ୍ଜାମ ଦଣ୍ଡ ନାଚ ସଭାପତି ଶିବରାମ ପ୍ରଧାନଙ୍କ ଆହ୍ୱାନ କ୍ରମେ ମୁଖ୍ୟ ପରିଚାଳକ ଦାଶରଥି ଭୂୟାଁ, ଚିତ୍ରସେନ ମହାରଣା,ଲକ୍ଷ୍ମୀ କିନ୍ନରଙ୍କ ନେତୃତ୍ୱରେ ସଂଘ ର ପ୍ରାଥମିକ ବୈଠକ ଆସିକା ମକୁନ୍ଦପୁର ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୧୫୦ରୁ ଉର୍ଦ୍ଧ କଳାକାର ଯୋଗ ଦେଇ ସଙ୍ଘ ଗଠନ ଦିଗରେ ନିଜ ମତାମତ ପ୍ରଦାନ କରିଥିଲେୟ ଗଞ୍ଜାମ ଜିଲ୍ଲା ହେଉଛି ଲୋକକଳାର ଏନ୍ତୁଡ଼ି ଶାଳା ଦିନକୁ ଦିନ ଏହି ଲୋକକଳା ବିଲୁପ୍ତ ହେବାକୁ ବସିଲାଣି ।ଏହାକୁ ବଜାୟ ରଖିବା ସହିତ ସଙ୍ଘ ଗଠନ କରି ନିଜ ଅଭାବ ଅସୁବିଧା ଉପସ୍ଥାପନ କରିବା ପାଇଁ ଆଜିର ଏହି ବୈଠକ ରେ ନିଷ୍ପତ୍ତି ନେବା ସହ ଆସନ୍ତା ମାସରେ ସଙ୍ଘ କର୍ମକର୍ତ୍ତା ଚୟନ ହେବାପାଇଁ ଆଜିର ଏହି ବୈଠକ ରେ ନିଷ୍ପତ୍ତି ନିଆଯାଇଥିଲା ।

## ନେଟୱାର୍କ ସମସ୍ୟାକୁ ନେଇ ତାତିଲେ କଂଜାମେଣ୍ଡି ପଞ୍ଚାୟତବାସୀ



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା କନ୍ନୂଆଗାଁ ବ୍ଲକ କଂଜାମେଣ୍ଡି ପଞ୍ଚାୟତରେ ଦୀର୍ଘ ଦିନ ଧରି ଲାଗିରହିଛି ନେଟୱାର୍କ ସମସ୍ୟା ୟଦୀର୍ଘଦିନ ହେଲା ନେଟୱାର୍କ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି କତୃପକ୍ଷ ।ଯାହାଫଳରେ କି ପଞ୍ଚାୟତରେ ଅନଲାଇନ୍ ରେ ସୁଭଦ୍ରା ଯୋଜନା,କଣ୍ଟ୍ରୋଲରେ ଚାଉଳ ନେବା ଓ ଛାତ୍ରଛାତ୍ରୀ ମାନଙ୍କ ପାଠପଢା, ଆମ୍ବୁଲାନ୍ସ ସେବା ଯୋଗାଯୋଗ ପଞ୍ଚାୟତର ବିଭିନ୍ନ କାଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହୋଉଅଛି । ପଞ୍ଚାୟତ ବାସୀ ବାରମ୍ବାର ଏ ବିଷୟକୁ ନେଇ ବିଏସ୍ଏନ୍ଏଲ ଓ ଜିଓ କତୃପକ୍ଷଙ୍କୁ ଜଣାଇ ହତାସ ହେବା ପରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି ।ଏ ବିଷୟରେ କଂଜାମେଣ୍ଡି ସରପଞ୍ଚ ଗୁନୁଲତା ମଲିକଙ୍କୁ ପଚାରିବାରୁ ନେଟୱାର୍କ ସମସ୍ୟା ପାଇଁ ପଚଂୟତର ବିକାଶ ମୂଳକ କାର୍ଯ୍ୟରେ ଅସୁବିଧା ହେଉଛି ମୁଁ ଦୀର୍ଘ ଦିନ ଧରି ଏହି ସମସ୍ୟାର ସମାଧାନ ପାଇଁ କହିଥିଲେ ମଧ୍ୟ ମୋର କଥାକୁ ଗୁରୁତ୍ୱ ଦିଆଯାଉ ନାହିଁ ତେଣୁ ମୁଁ ଏ ବିଷୟରେ ବ୍ଲକ ପ୍ରସାଶନ ଓ ଜିଲ୍ଲାପାଳଙ୍କୁ ଜଣାଇବି ବୋଲି ପ୍ରକାଶ କରିଛନ୍ତି ।ଯଦି ଏଭଳି ସମସ୍ୟା ଲାଗି ରହିବ ତାହା ହେଲେ ସରକାରୀ କାର୍ଯ୍ୟକ୍ରମ ରେ ବ୍ୟାଘାତ ସୃଷ୍ଟି କରିବ ବୋଲି କହିଛନ୍ତି ବୁଦ୍ଧିଜୀବୀ ।ସରକାର ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ପଚଂୟତବାସୀ ଦାବୀ କରିଛନ୍ତି ।

## ପାରାଦୀପରେ ପ୍ରବାଦ ପୁରୁଷ ବିଜୁ ପଟନାୟକ ଙ୍କ ୧୦୯ତମ ଜନ୍ମ ଜୟନ୍ତୀ

ପାରାଦୀପ (ମହାଭାରତ): ମହାନ ଜନନାୟକ, ଓଡ଼ିଶାର ବରପୁତ୍ର ତଥା ପାରାଦୀପ ବନ୍ଦର ର ସ୍ରଷ୍ଟା ପ୍ରବାଦ ପୁରୁଷ ବିଜୁ ପଟନାୟକ ଙ୍କ ୧୦୯ତମ ଜନ୍ମ ଜୟନ୍ତୀ ମହୋତ୍ସବ ମାର୍ଚ୍ଚ ୫ ତାରିଖ ବୁଧବାର ଦିନ ମହା ସମାରୋହରେ ସାରା ରାଜ୍ୟରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ବିଜେଡି ଦଳ ପକ୍ଷରୁ ଅଠରବାଙ୍କି ସ୍ଥିତ ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇ ସେଠାରେ ଏକ ସ୍ମୃତି ସଭା ର ଆୟୋଜନ କରାଯାଇଥିଲା । ପାରାଦୀପ ବିଜେଡି ର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁ ଙ୍କ ସ୍ମୃତି ଚାରଣ କରି ରାଜ୍ୟ ତଥା ଦେଶ ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ବିଜେଡି ପାରାଦୀପ ନଗର ସଭାପତି, ବିଜୁ ମେମୋରିଆଲ ଟ୍ରଷ୍ଟ ର ସାଧାରଣ ସମ୍ପାଦକ ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ବିଜୁ ବାବୁ ଙ୍କ ଅଭୁଲା ସ୍ମୃତି କୁ ମନେ ପକାଇ ସେ ଜଣେ ଜଣେ ଅଦ୍ୱିତୀୟ ନେତା ଓ ରାଷ୍ଟ୍ର ନୀତିଜ୍ଞ ଥିଲେ ଏବଂ ସେ ପାରାଦୀପ ସମେତ ରାଜ୍ୟର ସମସ୍ତ ଜନସାଧାରଣ ଙ୍କ ହୃଦୟରେ ଚିର ସ୍ମରଣୀୟ ହୋଇ ରହିବେ ବୋଲି କହିବା ସହ ବିଜୁ ବାବୁ ଙ୍କ ଆଦର୍ଶ ରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଜେଡି କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ, ଉପସଭାପତି ବିଶ୍ୱନାଥ ବଳ, ଯୁବ ସଭାପତି ଆଲୋକ ମହାପାତ୍ର,ବିଜେଡି ନେତା ଅଜିତ ଷଡଙ୍ଗୀ,ଭାରତୀ ସାମନ୍ତରାୟ,କବିତା ସାହୁ ପ୍ରମୁଖ ଙ୍କ ସମେତ ବିଜେଡି ର ପାରିଷଦ ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ ।

# କଳିଙ୍ଗନଗର ଅଞ୍ଚଳ ଏବେ ନିଶା କାରବାର ର ପେଣ୍ଟସ୍ଥଳୀ !

ଯାଜପୁର କଳିଙ୍ଗନଗର (ନିପ୍ର): କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଅବାଧ ରେ ମିଳୁଛି ବ୍ରାଉନ ସୁଗାର ଅବକାରୀ ବିଭାଗ ନିଘୋଡ଼ ନିଦରେ ଶୋଇଥିବା ବେଳେ ବେଳେ ପୁଲିସ ବେଳେବେଳେ ଡ୍ରଗସ୍ ବେପାରୀଙ୍କୁ ଧରୁଛି । ଯାହା କି ଏବେ କଳିଙ୍ଗନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଯଖପୁରା ଥାନା ଅନ୍ତର୍ଗତ ସାଇଜର୍ ପେଟ୍ରୋଲ ପମ୍ପ ପଛ ପଟେ ଏକପରିତ୍ୟକ୍ତ ଘରେ ବ୍ରାଉନସୁଗାର ବେପାର ଚାଲିଥିବା ଖବର ପାଇ ପୁଲିସ ଗତ ଶୁକ୍ରବାର ସକାଳେ ସେଠାରେ ଅତର୍କିତ ଚଢାଉ କରିଥିଲା । ବ୍ରାଉନସୁଗାର ସହିତ ୫ ଜଣ ଯୁବକଙ୍କୁ ପୁଲିସ ଗିରଫ କରିଥିଲା ।ଯଖପୁରା ଥାନା କେସ୍ ନମ୍ବର୍ ୨୯/୨୫ ରେ ମାମଲା ରୁଜୁ ହୋଇଥିଲା ୧୧ ଗ୍ରାମ୍ ବ୍ରାଉନ ସୁଗାର ଧରା ଯାଇଛି ଯାହାର ମୂଲ୍ୟ ଲକ୍ଷ ୧୦ ହଜାର ଟଙ୍କା ବୋଲି ଜଣାପଡ଼ିଛି । ଶନିବାର ପୂର୍ବାହ୍ନରେ ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରାଯାଇଥିଲା । ଗିରଫ ଅଭିଯୁକ୍ତ ମାନେ ଜଖପୁରା ଅଞ୍ଚଳ ର ହୋଇଥିବା ବେଳେ ଅଦାଲତରେ ୪ ଜଣଙ୍କ ଜାମିନ ମଞ୍ଜୁର ହୋଇଥିବା ବେଳେ ବ୍ରାଉନସୁଗାର ମିଳିଥିବା ଭେଲ ଓରଫ ସୌମ୍ୟଦୀପ ପୃଥୀରାଜ ସ୍ୱାଇଁ (୩୦)କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ଏଠାରେ କହି ରଖିବାକୁ ଚାହୁଁ କି ଭେଲ ଓରଫ ସୌମ୍ୟଦୀପ ପୃଥୀରାଜ ସ୍ୱାଇଁ (୩୦) ପୂର୍ବରୁ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସମ୍ପାଦକ ଭାବରେ କାର୍ଯ୍ୟ କରୁଥିବା ବେଳେ ଆଜି ଜଣେ ବ୍ରାଉନସୁଗାର ବେପାରୀ ଭାବରେ ଦେଖିଲେ ଲାଗୁଛି କି ଏହି ଯୁବକ ଯିଏକି କଳିଙ୍ଗନଗର ରେ ଥିବା କଳିଙ୍ଗନଗର ପରିବେଶ ସମିତିର ସମ୍ପାଦକ ଭାବରେ ବହୁ ସମୟରେ ବହୁ ଶିଳ୍ପୀ ସଂସ୍ଥା ମାନଙ୍କୁ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା ବାହାନାରେ ଏକାଧିକ ଚିଠି ଲେଖିଛନ୍ତି । ଯାହା କୁ ନେଇ କଳିଙ୍ଗନଗର ରେ ଥିବା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏକାଧିକ ଶିଳ୍ପସଂସ୍ଥା ମାନଙ୍କ ଙ୍କୁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବାରମ୍ବାର ଅଭିଯୋଗ କରିବା ପାଇଁ ଆଗକୁ ଆସିଥିବା ଯୁବକ ଆଜି ନିଶା କାରବାର ରେ ଜେଲ୍ ଯାଇଥିବା ବେଳେ ସାଧାରଣ ରେ ଆଲୋଚନା କରୁଛନ୍ତି କି କଳିଙ୍ଗନଗର ରେ ଥିବା ଏହି ସଂସ୍ଥା ପ୍ରକୃତ ରେ ପରିବେଶ କୁ ସୁରକ୍ଷା ଦେବାକୁ ଆଗକୁ ଆସିଛନ୍ତି । ନା ପରିବେଶ କୁ ସୁରକ୍ଷା ଆଢୁଆଳରେ ଏହି ପରି ବେଆଇନ କାର୍ଯ୍ୟ କରୁଛନ୍ତିୟ ଯାହାର ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛିୟ ଏହି ସଂସ୍ଥା ର ଏକାଧିକ କର୍ମକର୍ତ୍ତା ଙ୍କ ନାମରେ ବହୁ ସମୟରେ ଅନେକ ଅଭିଯୋଗ ର ଲମ୍ବା ଲିଷ୍ଟ ଦେଖିବାକୁ ମିଳିଛି । ତେଣୁ ଏହି ପରି ସଂସ୍ଥା ମାନଙ୍କ ବିଷୟ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ଏହି ପରି ଯୁବକ ଆଗକୁ ପ୍ରଥଭ୍ରଷ୍ଟ ହେବା ରୁ ପାର ପାଇପାରନ୍ତେ ବୋଲି ଅଞ୍ଚଳ ରେ ଥିବା ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି ।

# ଦ.ଆଫ୍ରିକାକୁ ହରାଇ ଫାଇନାଲରେ ନ୍ୟୁଜିଲାଣ୍ଡ

ଲାହୋର: ଚାମ୍ପିଅନ୍ସ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ବୁଧବାର ଦକ୍ଷିଣ ଆଫ୍ରିକାକୁ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ପରାଜିତ କରିଛି ।ଲାହୋରର ଗଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରି ଧାର୍ଯ୍ୟ ୫୦ ଓଭରରେ ୬ ୱିକେଟ ହରାଇ ୩୬୨ ରନ୍ କରିଥିଲା ଫଳରେ ଦକ୍ଷିଣ ଆଫ୍ରିକା ପାଇଁ ବିଜୟ ଲକ୍ଷ୍ୟ ୩୬୩ ରନ୍ ରହିଥିଲା ।

ବିଶାଳ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ଦଳ ଧାର୍ଯ୍ୟ ୫୦ ଓଭରରେ ୯ ୱିକେଟ ହରାଇ ୩୧୨ ରନ୍ ସଂଗ୍ରହ କରିଥିଲା ପରାଜୟ ସହିତ ଦକ୍ଷିଣ ଆଫ୍ରିକା ଦଳର ଚାମ୍ପିଅନ୍ସ ଟ୍ରଫିରେ ଫାଇନାଲ ଖେଳିବାର ଆଶା ଧୂଳିସାତ୍ ହୋଇଛି ।

ବିଜୟ ସହିତ ନ୍ୟୁଜିଲାଣ୍ଡ ଦଳକୁ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଖେଳିବାର ଟିକେଟ ମିଳିଛି ଫାଇନାଲରେ ନ୍ୟୁଜିଲାଣ୍ଡ ଦଳ ଟିମ୍ ଇଣ୍ଡିଆକୁ ଭେଟିବ ।ଦକ୍ଷିଣ ଆଫ୍ରିକା ପକ୍ଷରୁ ରିୟାନ ରିକେଲଟନ୍ ୧୭ ରନ୍ କରିଥିବାବେଳେ ଟେମ୍ବା ବାଭୁମା ୫୬ ରନ୍ କରିଥିଲେ । ସେହିପରି ରସେଲ ଭାନ ଡେର ଡାସେନ ୬୯ ରନ୍, ଆଡେନ ମାର୍କମ ୩୧ ରନ୍, ଡେଭିଡ ମିଲର ୧୦୦ ରନ୍ କରିଥିଲେ ।ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ୩ ୱିକେଟ ନେଇଥିବାବେଳେ ମ୍ୟାଟ୍ ହେନରି ୨ଟି ୱିକେଟ ନେଇଥିଲେ ସେହିପରି ମିଚେଲ ବ୍ରେସଲେ ଗୋଟିଏ ୱିକେଟ, ଗ୍ଲେନ୍ ଫିଲିପ୍ ୨ଟି ୱିକେଟ, ରଚିନ ରବିନ୍ଦ୍ର ଗୋଟିଏ ୱିକେଟ ନେଇଥିଲେ ।



ଟସ୍ ଜିତି ଅଧିନାୟକ ମିଚେଲ୍ ସାଣ୍ଟନର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ୱିଲ ୟଙ୍ଗ(୨୧)ଙ୍କ ରୂପେ ନ୍ୟୁଜିଲାଣ୍ଡକୁ ୪୮ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା ।ଏହା ପରେ କେନ ୱିଲିୟମସନ ଓ ରଚିନ ରବୀନ୍ଦ୍ର ଇନିଂସ ସଜାଡ଼ିଥିଲେ ଉଭୟ କ୍ରିଜରେ ଜମିବା ପରେ ଦ୍ରୁତ ବ୍ୟାଟିଂ କରିଥିଲେ । ଦ୍ୱିତୀୟ ୱିକେଟ୍‌ରେ ୨୦୩ ରନର ରେକର୍ଡ ଭାଗିଦାରୀ କରିଥିଲେ ୱିଲିୟମନ ଓ ରଚିନ ୨୧୨ ରନ ସ୍କୋରରେ ରଚିନ ରବୀନ୍ଦ୍ର ୧୦୧ ବଲରୁ ୧୩ ଚୌକା ଓ ୧ ଛକା ସହ ୧୦୮ ରନ କରି ଆଉଟ୍ ହୋଇଥିଲେ । ଏହା ପରେ ୱିଲିୟମସନ ୧୦୨ ରନର ଶତକୀୟ ଇନିଂସ ଖେଳି ପାଭିଲିୟନ ଫେରିଥିଲେ ।

ଡେରିଲ ମିଚେଲ୍ ଅନ୍ତିମ ଓଭରଗୁଡ଼ିକରେ ବିସ୍ଫୋରକ ବ୍ୟାଟିଂ କରି ଦଳର ସ୍କୋରକୁ ୩୦୦ ପହଞ୍ଚାଇଥିଲେ । ସେ ନିଜର ଅର୍ଦ୍ଧଶତକରୁ ୧ ରନ ଦୂରରେ ରହି ୩୭ ବଲ୍‌ରୁ ୪୯ ରନ କରି ଆଉଟ୍ ହୋଇଥିଲେ । ସେହିପରି ଗ୍ଲେନ ଫିଲିପ୍ସ ମଧ୍ୟ ଏକ ରନ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ସେ ବିସ୍ଫୋରକ ବ୍ୟାଟିଂ କରି ୨୭ ବଲରୁ ୬ ଚୌକା ଓ ୧ ଛକା ସହ ୪୯ ରନରେ ଅପରାଜିତ ଥିଲେ । ଆଉ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୩୬୨ ରନର ବିଶାଳ ସ୍କୋର କରି ପାରିଛି । ଲୁଙ୍ଗି ଏନଗିଡି ୧୦ ଓଭରରେ ୭୨ ରନ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ରାବଡା ୧୦ ଓଭରରେ ୭୦ ରନ ଦେଇ ୨ଟି ସଫଳତା ପାଇଥିଲେ ।

# ଦିନିକିଆ ବୋଲିଂ ର୍‍ୟାଙ୍କିଙ୍ଗରେ ବରୁଣଙ୍କ ଲମ୍ଫ ଡିଆଁ



ନୂଆଦିଲ୍ଲୀ,୫।୩: ବରୁଣ ଚକ୍ରବର୍ତ୍ତୀ ଆର୍କିଟେକ୍ଟ ଅଧ୍ୟୟନ କରିଛନ୍ତି କିନ୍ତୁ ସେ ଅନ୍ତର୍ଜାତୀୟ କ୍ରିକେଟର ମଇଦାନରେ ତାଙ୍କ ସଫଳତାର ଅଟ୍ଟାଳିକା ନିର୍ମାଣ କରୁଥିବା ପରି ମନେ ହେଉଛି ବରୁଣଙ୍କ ଦକ୍ଷତା ଯୋଗୁ ଏବେ ମଧ୍ୟ ତାଙ୍କୁ ସମ୍ମାନ ଦେଇଛି ସଦ୍ୟତମ ବୋଲର ରାଙ୍କିଙ୍ଗରେ ବିଶ୍ୱର ୧୪୩ ବୋଲରଙ୍କୁ ପଛରେ ପକାଇ ଭାରତୀୟ ସ୍ପିନର ଚହଳ ସୃଷ୍ଟି କରିଛନ୍ତି ଡାହାଣହାତୀ ସ୍ପିନର ବରୁଣ ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫିରେ ଖେଳୁଛନ୍ତି, ଯେଉଁଠାରେ ସେ ଏପର୍ଯ୍ୟନ୍ତ ପାଇଥିବା ଦୁଇଟି ସୁଯୋଗର ଭରପୂର ଫାଇଦା ଉଠାଇଛନ୍ତି ।

ବରୁଣ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୨ଟି ମ୍ୟାଚ୍‌ରେ ୭ ଉଇକେଟ ନେଇଛନ୍ତି । ଏହି ୭ଟି ଉଇକେଟ ମଧ୍ୟରୁ ୫ ଉଇକେଟ ଗୋଟିଏ ମ୍ୟାଚ୍‌ରେ ରହିଛି । ଏଥିସହ ସେ ଟୁର୍ନାମେଣ୍ଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ମଧ୍ୟ ସାମିଲ ହୋଇଛନ୍ତି ।ଏବେ କେବଳ ନ୍ୟୁଜିଲ୍ୟାଣ୍ଡର ମ୍ୟାଟ ହେନରୀ ଏବଂ ଭାରତର ମହମ୍ମଦ ଶାମି ତାଙ୍କଠାରୁ ଅଧିକ ଉଇକେଟ ନେଇଛନ୍ତି । କିନ୍ତୁ ଦୁହେଁ ତାଙ୍କଠାରୁ ଅଧିକ ମ୍ୟାଚ୍ ଖେଳିଛନ୍ତି ।

ଏବେ ପ୍ରଶ୍ନ ହେଉଛି ଆଇସିସି ଏକଦିବସୀୟ ବୋଲର ରାଙ୍କିଙ୍ଗରେ ୧୪୩ ସ୍ଥାନ ଡେଇଁବା ପରେ ବରୁଣ ଚକ୍ରବର୍ତ୍ତୀ କେଉଁଠି ପହଞ୍ଚିଛନ୍ତି ? ତେବେ ଏହି ଭାରତୀୟ ସ୍ପିନର ଶ୍ରେଷ୍ଠ ୧୦୦ରେ ଏଣ୍ଟ୍ରି କରିଛନ୍ତି ବରୁଣ ଏବେ ୯୭ତମ ସ୍ଥାନରେ ପହଞ୍ଚିଛନ୍ତି ।

ଆଇସିସିର ଶ୍ରେଷ୍ଠ ୧୦ ଏକଦିବସୀୟ ବୋଲର ତାଲିକାରେ କୁଲଦୀପ ଯାଦବ ଏକମାତ୍ର ଭାରତୀୟ ଅଛନ୍ତି । ସଦ୍ୟତମ ରାଙ୍କିଙ୍ଗରେ କୁଲଦୀପ ତିନି ସ୍ଥାନ ଖସି ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି । ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ଚାମ୍ପିଅନ୍ସ ଟ୍ରଫିରେ ତାଙ୍କ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି । ସେ ସଦ୍ୟତମ ରାଙ୍କିଙ୍ଗରେ ତିନି ସ୍ଥାନ ଉପରକୁ ଉଠି ୧୧ ନମ୍ବରରେ ପହଞ୍ଚିଛନ୍ତି ରବିନ୍ଦ୍ର ଜାଡେଜା ୧୩ ନମ୍ବରରେ ରହିଛନ୍ତି । ଯେଉଁଠାରେ ମହମ୍ମଦ ସିରାଜ ଦୁଇ ସ୍ଥାନ ତଳକୁ ଖସି ୧୪ତମ ସ୍ଥାନରେ ପହଞ୍ଚିଛନ୍ତି ।

ବ୍ୟାଟିଂରେ ତେବେ ଶବମନ ଗିଲ ବ୍ୟାଟସମ୍ୟାନଙ୍କ ତାଲିକାର ଶୀର୍ଷରେ ଅଛନ୍ତି । ଗିଲଙ୍କୁ ୭୯୧ ରେଟିଂ ମିଳିଛି ପାକିସ୍ତାନର ବାବର ଆଜମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଦକ୍ଷିଣ ଆଫ୍ରିକାର ଖେଳାଳି ହେନରିଚ କ୍ଲାସେନ । ଗୋଟିଏ ସ୍ଥାନ ହାସଲ କରିଛନ୍ତି । ସେ ତୃତୀୟ ସ୍ଥାନକୁ ଆସିଯାଇଛନ୍ତି । କୋହଲି ମଧ୍ୟ ଗୋଟିଏ ସ୍ଥାନ ହାସଲ କରିଛନ୍ତି କୋହଲି ଏବେ ଚତୁର୍ଥ ସ୍ଥାନରେ ଅଛନ୍ତି ।ତାଙ୍କୁ ୭୪୭ ରେଟିଂ ମିଳିଛି ରୋହିତ ଶର୍ମା ପଞ୍ଚମ ସ୍ଥାନରେ ଅଛନ୍ତି । ସେମିଫାଇନାଲରେ ଅଷ୍ଟ୍ରେଲିଆ । ବିପକ୍ଷରେ ଶ୍ରେୟସ ଆୟର ୪୫ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ଏହା ପୂର୍ବରୁ ମଧ୍ୟ ସେ ଅନେକ ଥର ନିଜର ଯାଦୁ ଦେଖାଇ ସାରିଛନ୍ତି । ରାଙ୍କିଙ୍ଗରେ ଆୟରଙ୍କୁ ଏହାର ଲାଭ ମିଳିଛି ସେ ଅଷ୍ଟମ ସ୍ଥାନକୁ ଆସିଯାଇଛନ୍ତି । ଆୟର ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି ।

# ଦିନିକିଆରୁ ଅବସର ନେଲେ ସ୍ମିଥ୍



ନୂଆଦିଲ୍ଲୀ,୫।୩: ଦିନିକିଆ କ୍ରିକେଟରୁ ଅବସର ନେଲେ ଅଷ୍ଟ୍ରେଲିଆ । କ୍ରିକେଟ୍ ଟିମର ଅଧିନାୟକ ଷ୍ଟିଭ୍ ସ୍ମିଥ୍ । ଚାମ୍ପିଅନ୍ସ ଟ୍ରଫି ସେମି ଫାଇନାଲରେ ପରାଜୟ ପରେ ଏହି ନିଷ୍ପତ୍ତି ନେଇଛନ୍ତି ଷ୍ଟିଭ୍ । ଗତକାଲି ଦୁବାଇରେ ଭାରତ ବିପକ୍ଷ ମ୍ୟାଚରେ ପରାଜିତ ହୋଇଥିଲା ଅଷ୍ଟ୍ରେଲିଆ । ୧୭୦ ଦିନିକିଆ ଖେଳି ଶେଷରେ ଅବସର ଘୋଷଣା କଲେ ଅଷ୍ଟ୍ରେଲିଆ କ୍ରିକେଟ୍ ଟିମର ଅଧିନାୟକ ।

ଗତକାଲି ଟିମ୍ ଇଣ୍ଡିଆ । ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ ସ୍ମିଥ ୯୬ଟି ବଲରେ ୭୩ ରନ୍ କରିଥିଲେ ସ୍ମିଥ ମାତ୍ର ତାଙ୍କ ଦମଦାର ପ୍ରଦର୍ଶନ ସତ୍ତ୍ୱେ ଅଷ୍ଟ୍ରେଲିଆ । ହାରିଯାଇଛି ଆଉ ଏହି ପରାଜୟ ପରେ ଦିନିକିଆରୁ ସନ୍ନ୍ୟାସ ନେଇଛନ୍ତି ସ୍ମିଥ୍ ୨୦୧୫ ଏବଂ ୨୦୨୩ରେ ଅଷ୍ଟ୍ରେଲିଆ । ଦିନିକିଆ । ବିଶ୍ୱକପ୍ ବିଜେତା ହୋଇଥିବା ବେଳେ ସ୍ମିଥ୍ ଏହି ବିଜୟୀ ଟିମରେ ଥିଲେ ଯାହା ତାଙ୍କ ପାଇଁ ଏକ ସୁବର୍ଣ୍ଣ ଏବଂ ସ୍ମରଣୀୟ ମୁହୂର୍ତ୍ତ ବୋଲି କହିଛନ୍ତି ସ୍ମିଥ୍ ।

ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ପରାଜୟ ପରେ ୩୫ ବର୍ଷୀୟ ଷ୍ଟିଭ୍ ସ୍ମିଥ୍ ତାଙ୍କ ଦଳର ସାଥୀମାନଙ୍କୁ ତାଙ୍କ ନିଷ୍ପତ୍ତି ବିଷୟରେ ଜଣାଇଥିଲେ ଷ୍ଟିଭ୍ ସ୍ମିଥ୍ କହିଛନ୍ତି, 'ଏହା ଏକ ସୁନ୍ଦର ଯାତ୍ରା ଥିଲା ଏବଂ ମୁଁ ଏହାର ପ୍ରତ୍ୟେକ । ମିନିଟ୍ ଉପଭୋଗ କରିଛି' ବହୁତ ସୁନ୍ଦର ମୁହୂର୍ତ୍ତ ଏବଂ ଆଶ୍ଚର୍ଯ୍ୟଜନକ ସ୍ମୃତି ଅଛି ଦୁଇଟି ବିଶ୍ୱକପ୍ ଜିତିବା ଏକ ବଡ଼ ସଫଳତା ଥିଲା ଏହି ଯାତ୍ରାକୁ ବାଣ୍ଟିବା ପାଇଁ ଅନେକ ଚମତ୍କାର ସାଥୀ ଥିଲେ । ୨୦୨୭ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିବାର ଏହା ଏକ ମହାନ ସୁଯୋଗ, ତେଣୁ ଏହା ସଠିକ୍ ସମୟ ପରି ମନେ ହେଉଛି ।

ଷ୍ଟିଭ୍ ସ୍ମିଥ୍ ଆହୁରି କହିଛନ୍ତି, 'ଟେଷ୍ଟ କ୍ରିକେଟ୍ ଏବେ ବି ପ୍ରାଥମିକତା ଏବଂ ମୁଁ ବିଶ୍ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍, ଶୀତ ଋତୁରେ ୱେଷ୍ଟଇଣ୍ଡିଜ୍ ଏବଂ ତା'ପରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଖେଳିବାକୁ ଉତ୍ସାହିତ' ମୁଁ ଭାବୁଛି ଯେ ସେହି ପ୍ଲାଟଫର୍ମରେ ମୋର ଆହୁରି ବହୁତ କିଛି ଯୋଗଦାନ ଦେବାକୁ ଅଛି ।ଷ୍ଟିଭ୍ ସ୍ମିଥ୍ ୨୦୧୦ ମସିହାରେ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ । ଏହି ସମୟ ମଧ୍ୟରେ ସେ ଅଷ୍ଟ୍ରେଲିଆ । ପାଇଁ ମୋଟ ୧୭୦ଟି ମ୍ୟାଚ୍ ଖେଳିଥିଲେ । ଏକଦିବସୀୟ ମ୍ୟାଚ୍‌ରେ ସେ ୪୩.୨୮ ହାରରେ ୫୮୦୦ ରନ୍ କରିଥିଲେ, ଯେଉଁଥିରେ ୩୫ଟି ଅର୍ଦ୍ଧଶତକ ଏବଂ ୧୨ଟି ଶତକ ଅନ୍ତର୍ଭୁକ୍ତ ।

ସେ ତାଙ୍କ ଦେଶ ପାଇଁ ୧୬ତମ ସର୍ବାଧିକ ଏକଦିବସୀୟ ଖେଳାଳି ଏବଂ ୧୨ତମ ସର୍ବାଧିକ ରନ୍ ସ୍କୋରର । ସେହି ସମୟରେ, ଟିମ୍ ଇଣ୍ଡିଆ । ବିପକ୍ଷରେ ତାଙ୍କର ପ୍ରଦର୍ଶନ ମଧ୍ୟ ଭଲ ଥିଲା ସ୍ମିଥ୍ ଭାରତ ବିପକ୍ଷରେ ୩୦ଟି ଦିନିକିଆ ଖେଳି ୫୩.୧୯ ହାରରେ ୧୩୮୩ ରନ କରିଥିଲେ ଯେଉଁଥିରେ ୭ଟି ଅର୍ଦ୍ଧଶତକ ଏବଂ ୫ଟି ଶତକ ମଧ୍ୟ ଅନ୍ତର୍ଭୁକ୍ତ ।

## ରୋହିତଙ୍କୁ ପ୍ରଶଂସା କଲେ ଶମା

ନୂଆଦିଲ୍ଲୀ,୫।୩: ଦିନେ କଟାକ୍ଷ କରୁଥିଲେ ଏବେ ପ୍ରଶଂସା କଲେ କଂଗ୍ରେସ ନେତା ଶମା ମହମ୍ମଦଙ୍କ ବୟାନକୁ ନେଇ ଚର୍ଚ୍ଚା ମଙ୍ଗଳବାର ଦିନ ରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱକୁ ପ୍ରଶଂସା କରି ଆଉ ଏକ ପୋଷ୍ଟ ପୋଷ୍ଟ କରିଛନ୍ତି ରୋହିତଙ୍କ ଉପରେ ତାଙ୍କର ମନ୍ତବ୍ୟକୁ ନେଇ ଏକ ବଡ଼ ବିବାଦ ପରେ, ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବାରୁ ଶମା ମହମ୍ମଦ ଖୁସି ପ୍ରକଟ କରିଛନ୍ତି ।

ଦୁବାଇରେ ଅଷ୍ଟ୍ରେଲିଆ । ବିପକ୍ଷରେ ଭାରତର ୪ ୱିକେଟ୍ ବିଜୟ ସମୟରେ ଗୁରୁତ୍ୱପୂର୍ଣ୍ଣ ୮୪ ରନ୍ କରିଥିବାରୁ କଂଗ୍ରେସ ନେତା ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କୁ ବି ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ସେ ଫାଇନାଲ୍ ପାଇଁ ଅପେକ୍ଷା କରିଛନ୍ତି । ଶମା କହିଛନ୍ତି 'ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଅଷ୍ଟ୍ରେଲିଆ । ବିପକ୍ଷ ସେମିଫାଇନାଲ ମ୍ୟାଚ୍ ଜିତିଥିବାରୁ ମୁଁ ବହୁତ ଖୁସି' ୮୪ ରନ କରିବା ପାଇଁ ମୁଁ ବିରାଟ କୋହଲିଙ୍କୁ ଅଭିନନ୍ଦନ ଜଣାଉଛି ।ମୁଁ ବହୁତ ଉତ୍ସାହିତ ଏବଂ ଫାଇନାଲକୁ ଅପେକ୍ଷା କରିଛି ।

## ପାକିସ୍ତାନ ଉପରୁ ହଟିଲା ବାସନ୍ଦ

ଲାହୋର,୫।୩: ପାକିସ୍ତାନ ଫୁଟବଲ ଫେଡେରେଶନ (ପିଏଫଏଫ) ତାର ସମ୍ବିଧାନରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ପରେ ଏହା ଉପରୁ ବିଶ୍ ଫୁଟବଲ ପରିଚାଳନା ସଂସ୍ଥା ଫିଫା ବାସନ୍ଦ ହଟାଇଛି ଫେଡେରେଶନ ପରିଚାଳନାରେ ସ୍ୱଚ୍ଛତା ଲାଗି ସମ୍ବିଧାନରେ ଆବଶ୍ୟକ ଥିବା ପରିବର୍ତ୍ତନ ନ କରିବାରୁ ଫିଫା ଗତ ଫେବୃଆରୀ ୫ ତାରିଖରେ ପିଏଫଏଫକୁ ବାସନ୍ଦ କରିଥିଲା । ତେବେ ଗତ ଗୁରୁବାର ପିଏଫଏଫ କଂଗ୍ରେସ ସଦସ୍ୟ ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ ଲାଗି ଏକମତ ହୋଇଥିଲେ ।। ଜୁନଠାରୁ ଫିଫା ଦ୍ୱାରା ନିଯୁକ୍ତ ନର୍ମାଲାଇଜେଶନ କମିଟି ପାକିସ୍ତାନ ଫୁଟବଲ ପରିଚାଳନା ଦାୟିତ୍ୱରେ ଥିଲା ଏହି କମିଟି ଫେଡେରେଶନରେ ନିର୍ବାଚନ ଆୟୋଜନ ଏବଂ ଫେଡେରେଶନ ମଧ୍ୟରେ ଥିବା ବିବାଦର ସମାଧାନ କରିବାକୁ ଦାୟିତ୍ୱ ଦିଆଯାଇଥିଲା ।

# ରୋହିତଙ୍କ ଅବସରକୁ ଖଣ୍ଡନ କଲେ ଗମ୍ଭୀର

ନୂଆଦିଲ୍ଲୀ,୫।୩: ଅଷ୍ଟ୍ରେଲିଆକୁ ହରାଇ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ଏଣ୍ଟ୍ରି କରିଛି ଭାରତ । ତେବେ ଏହି ମ୍ୟାଚ୍‌ର ବିଜୟରେ ଅନେକ ଖେଳାଳିଙ୍କ ଅବଦାନ ଅନେକ ପୂର୍ବରୁ ରୋହିତଙ୍କ ଅବସର ଘୋଷଣାକୁ ନେଇ ଗଣମାଧ୍ୟମରେ ବେଶ ଚର୍ଚ୍ଚା ହେଉଥିଲା । କାରଣ ପ୍ରତିଟି ମ୍ୟାଚ୍‌ରେ ରୋହିତ ଫର୍ମକୁ ନେଇ ଅନେକ ଗସିପ୍ ଥିଲା । ମାତ୍ର ଏବେ ସେ ଭଲ କିମ୍ବା ଖରାପ ନୁହେଁ ଆଭରେଜ ଖେଳ ପ୍ରଦର୍ଶନ କରୁଛନ୍ତି ।



ଏସବୁ ଦୃଷ୍ଟିରେ ରଖି ରୋହିତ ବାହିନୀ ଚମ୍ପିୟାନ୍ସ ଟ୍ରଫିରେ ଟାଇଟଲ ହାତେଇବା ପରେ ଅବସର ନେବେ ବୋଲି କୁହାଯାଉଛି ଟି-୨୦ ବିଶ୍ୱକପ ପରେ ରୋହିତ ଟି-୨୦ରୁ ଅବସର ଘୋଷଣା କରିଥିଲେ ଆଉ ଏବେ ଦିନିକିଆରୁ ଅବସର ନେବେ ବୋଲି ଚର୍ଚ୍ଚା ହେଉଥିବାବେଳେ ଏହାକୁ ନେଇ ମୁହଁ ଖୋଲିଛନ୍ତି ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀର କୋଚ୍ ଗମ୍ଭୀର କହିଛନ୍ତି କି, ଏବେ ଦଳ ତାଙ୍କ ଅଧିନାୟକତ୍ୱରେ ଦଳ ଯେଭଳି ପ୍ରଦର୍ଶନ କରୁଛି ଏହାକୁ ନେଇ ଆପଣମାନେ କୁହନ୍ତୁ ସେ ଅବସର ନେବା ଉଚିତ କି ?

ଗୌତି ଆହୁରି କହିଛନ୍ତି ଯେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ୍ ପାଖେଇ ଆସୁଛି ଏବେ ଏହା ବିଷୟରେ ମୁଁ କଣ କହିବି ? କିନ୍ତୁ ମୁଁ ଗୋଟିଏ କଥା କହିବି ଯେ ଯଦି ତୁମର ଅଧିନାୟକ ଏହି ପ୍ରକାରର ଗତିରେ ବ୍ୟାଟିଂ କରନ୍ତି, ତେବେ ଏହା ଡ୍ରେସିଂ ରୁମକୁ ଏକ ବାର୍ତ୍ତା ଯେ ତାଙ୍କ ଭିତରେ ଏବେ ବି କ୍ରିକେଟ୍ ବାକି ଅଛି । ଗମ୍ଭୀର କହିଛନ୍ତି ଯେ ରୋହିତ ବଡ଼ ଇନିଂସ ଖେଳି ନଥିଲେ ମଧ୍ୟ ତାଙ୍କର ଇନିଂସ ପ୍ରଭାବଶାଳୀ ଥିଲା । ଆମେ ସମାନ ଆଧାରରେ ଆମର ଖେଳାଳିମାନଙ୍କୁ ମୂଲ୍ୟାଙ୍କନ କରୁ । ଗମ୍ଭୀର ଆହୁରି କହିଛନ୍ତି ଯେ ଜଣେ ବିଶେଷଜ୍ଞ ଓ ସାମ୍ବାଦିକ ଭାବରେ ଆପଣ ରନ ଏବଂ ହାରାହାରିକୁ ଦେଖନ୍ତି ।

# ଚେଜ୍ କରି କୋହଲିଙ୍କ ୮ ହଜାର ରନ୍

ନୂଆଦିଲ୍ଲୀ,୫।୩: ଚେଜିଂରେ କୋହଲିଙ୍କ ବିରାଟ ରେକର୍ଡ ଲକ୍ଷ୍ୟ ପିଛା କରି ଦିନିକିଆରେ ୮ ହଜାରରୁ ଅଧିକ ରନ୍ କରିବାରେ କୋହଲି ଦ୍ୱିତୀୟ ବ୍ୟାଟର ହୋଇଛନ୍ତି । ଏହାସହ ସେ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ କ୍ଲବରେ ସାମିଲ ହୋଇଛନ୍ତି । ଦୁବାଇରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲରେ ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଆଜିର ମ୍ୟାଚ୍‌ରେ ବିରାଟର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ସହ ଦିନିକିଆରେ ରନ୍ ପିଛା କରି ୮ ହଜାରରୁ ଅଧିକ ରନ୍ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷରେ ୨୧ ରନ୍‌ର ସ୍କୋର ଅତିକ୍ରମ କରି କୋହଲି ଏହି ମାଇଲଖୁଣ୍ଟ ଛୁଇଁଥିଲେ ।



ଅଷ୍ଟ୍ରେଲିଆ । ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କୋହଲି ୫୩ ବଲ୍‌ରେ ୭୪ତମ ଅର୍ଦ୍ଧଶତକ ହାସଲ କରିଥିଲେ । ଅଷ୍ଟ୍ରେଲିଆ ବିପକ୍ଷରେ ୯୮ ବଲରୁ ୮୪ ରନ୍ କରି ଭାରତର ୩ ନମ୍ବର ବ୍ୟାଟର ବିରାଟ କୋହଲି ଅନେକ ରେକର୍ଡ ଭାଙ୍ଗିଛନ୍ତି । ଏହି ଇନିଂସ ବଳରେ ଭାରତ ଚାରି ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି । ୩୬ ବର୍ଷୀୟ କୋହଲି ଏହି ମାଇଲଖୁଣ୍ଟ ହାସଲ କରିବା ପାଇଁ ୧୫୯ ଇନିଂସ ନେଇଥିଲେ ରନ୍-ଚେଜରେ ବିରାଟ କୋହଲି ଦ୍ରୁତତମ ୮୦୦୦ ରନ୍ ପୂରଣ କରିଛନ୍ତି । ୨୩୨ ଇନିଂସରେ ୮୭୨୦ ରନ୍ ସହ ଚେଜିଂରେ ସର୍ବାଧିକ ରନ୍ କରିବାରେ ସଚିନ ତେନ୍ଦୁଲକର ପ୍ରଥମ ସ୍ଥାନରେ ଅଛନ୍ତି ରୋହିତ ଶର୍ମା ୬୧୧୫ ରନ୍ ସହିତ ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି ବିରାଟ କୋହଲି ତାଙ୍କର ୫୧ଟି ଦିନିକିଆ । ଶତକ ମଧ୍ୟରୁ ୨୮ଟି ଶତକ ରନ୍ ପିଛା କରି ହାସଲ କରିଛନ୍ତି ।

ଲକ୍ଷ୍ୟ ପିଛା କରି ଅଧିକ ରନ୍ କରିଥିବା ଖେଳାଳି

ସଚିନ ତେନ୍ଦୁଲକର (ଭାରତ) - ୮୭୨୦ ରନ୍
ବିରାଟ କୋହଲି (ଭାରତ) ୮୦୬୩ ରନ୍
ରୋହିତ ଶର୍ମା (ଭାରତ) - ୬୧୧୫ ରନ୍
ସନଥ ଜୟସୁରିଆ । (ଶ୍ରୀଲଙ୍କା) - ୫୭୪୨ ରନ୍
ଜ୍ୟାକ୍ କାଲିସ୍ (ଦକ୍ଷିଣ ଆଫ୍ରିକା) - ୫୫୭୫ ରନ୍ ।

# ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସୁଆଙ୍ଗ ଚମ୍ପିୟାନ



ଖୋର୍ଦ୍ଧା,୫।୩: ଖୋର୍ଦ୍ଧା ଉପକଣ୍ଠ ଦେଉଳଟାଙ୍ଗି ମା'ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଂଟ ର ଫାଇନାଲ ମ୍ୟାଚ୍ ଦେଉଳଟାଙ୍ଗି ଓ ସୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦେଉଳଟାଙ୍ଗି ଦଳ ବ୍ୟାଟିଂ କରି ୨୦ ଓଭର ଖେଳି ୮ ୱିକେଟ୍ ବିନିମୟରେ ୧୨୩ ରନ୍ କରିଥିଲା । ଜବାବରେ ସୁଆଙ୍ଗ ଦଳ ୧୮.୨ଓଭର ଖେଳି ୪ ୱିକେଟ ହରାଇ ୧୨୪ ରନ୍ କରିଥିଲା । ଫଳରେ ସୁଆଙ୍ଗ ଦଳ ୬ ୱିକେଟରେ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା । ଦଳ ତରଫରୁ ଅମିତ ବଡ଼ଜେନା ୨୨ ବଲରୁ ୩୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଫଳରେ ୮ ୱିକେଟରେ ସୁଆଙ୍ଗ ଦଳ ବିଜୟୀ ହୋଇଥିଲା । ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଂଟ ବିକାଶ ଦଳାଇଙ୍କୁ ପୁରସ୍କୃତ କରାଯାଇଥିଲା ।ଖେଳ କୁ ଶ୍ରାଦ୍ଧାନନ୍ଦ ପ୍ରଧାନ ଓ ଝଜ ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ସୁଶାନ୍ତ ସୁନ୍ଦରାୟ ଓ ଭାଷ୍ୟକାର ଶିବାନୀ ମିଶ୍ର ରହିଥିଲେ । ଆଜିର ମ୍ୟାଚ୍ ରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଓକିଲ ସଂଘ ର ପୂର୍ବତନ ସଭାପତି ଅଜିତ୍ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ସମାଜସେବୀ ସତ୍ୟବାଦୀ ସ୍ୱାଇଁ, ଶ୍ୟାମସୁନ୍ଦର ଜେନା, ଶିକ୍ଷାବିତ ଅଶୋକ କୁମାର ବାରିକ, ସୁଶାନ୍ତ ନାୟକ, ବିପିନ ମହାପାତ୍ର,ରାମନାଟ୍ୟ ଗୁରୁ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ

# ଭାରତ ଫାଇନାଲକୁ ଯିବା ପରେ ବଡ଼ କ୍ଷତି ସହିବ ପିସିବି

**ଇସଲାମାବାଦ୍,୫।୩:** ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ କଥା କଟାକଟି ଚାଲିଥିଲା ଶେଷରେ ଟିମ ଇଣ୍ଡିଆ ପାଇଁ ହାଇବ୍ରିଡ ମଡେଲ ଗ୍ରହଣ କରାଯାଇଥିଲା ଫଳରେ ଭାରତର ମ୍ୟାଚ ଦୁବାଇରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟସୂଚୀ ଅନୁଯାୟୀ, ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ଲାହୋରରେ ଖେଳାଯିବାର ଥିଲା, କିନ୍ତୁ ଭାରତ ଫାଇନାଲରେ ପହଞ୍ଚିବା ଯୋଗୁ ଫାଇନାଲ ସ୍ଥାନକୁ ଲାହୋରରୁ ଦୁବାଇକୁ ପରିବର୍ତ୍ତନ କରାଯାଇଛି ଏହି ପରିବର୍ତ୍ତନ ଯୋଗୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ବଡ଼ କ୍ଷତି ସହିବାକୁ ପଡ଼ିପାରେ ।

ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ନାମେଣ୍ଟ ପାଇଁ ମୋଟ ୫୮୬ କୋଟି ଟଙ୍କାର ବଜେଟ ଅନୁମୋଦନ କରିଥିଲା ଟୁର୍ନାମେଣ୍ଟରେ ମୋଟ ୧୫ଟି ମ୍ୟାଚ ଖେଳାଯିବାକୁ ଥିଲା ଏବଂ ପ୍ରତ୍ୟେକ ମ୍ୟାଚ ପାଇଁ ପ୍ରାୟ ୩୯ କୋଟି ଟଙ୍କା ବଜେଟ ରଖାଯାଇଥିଲା । ଏପର୍ଯ୍ୟନ୍ତ ସେମିଫାଇନାଲ ସମେତ ଭାରତର ୪ଟି ମ୍ୟାଚ ଦୁବାଇରେ ଖେଳାଯାଇଛି । ମୂଳ କାର୍ଯ୍ୟସୂଚୀ ଅନୁଯାୟୀ, ଏହି ଚାରିଟି ମ୍ୟାଚ ପାକିସ୍ତାନରେ ଖେଳାଯିବାର ଥିଲା ଭାରତୀୟ ଦଳର ଚାରୋଟି ମ୍ୟାଚ ଯୋଗୁ ପିସିବି ଏପର୍ଯ୍ୟନ୍ତ ୧୫୬ କୋଟି ଟଙ୍କାର କ୍ଷତି ସହିଛି । ଭାରତ ଫାଇନାଲରେ ପହଞ୍ଚିଥିବାରୁ, ଏହା ଦୁବାଇରେ ମଧ୍ୟ ଖେଳାଯିବ । ଏହି କାରଣରୁ ପାକିସ୍ତାନର ମୋଟ କ୍ଷତି ୧୯୫ କୋଟି ଟଙ୍କାରେ ପହଞ୍ଚିବାକୁ ଯାଉଛି ।

ପୂର୍ବରୁ ପାକିସ୍ତାନରେ ପଡ଼ିଆଗୁଡ଼ିକର ନବୀକରଣ କରାଯାଇଥିଲା । ପୂର୍ବରୁ ରାୱଲପିଣ୍ଡି, କରାଚୀ ଏବଂ ଲାହୋରର ପଡ଼ିଆର ନବୀକରଣ ପାଇଁ ୫୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରାଯାଇଥିଲା । ପିସିବି ଆଶା କରୁଥିଲା ଯେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ପଡ଼ିଆ ଦର୍ଶକଙ୍କ ସହିତ ପରିପୂର୍ଣ୍ଣ ହେବ, କିନ୍ତୁ ଆଶାଠାରୁ କମ ଲୋକ ମ୍ୟାଚ ଦେଖିବାକୁ ଆସିଥିଲେ । ଗ୍ରୁପ ପର୍ଯ୍ୟାୟରୁ ପାକିସ୍ତାନ ବିଦାୟ ନେବା ଏବଂ ବର୍ଷା ଯୋଗୁ ଦୁଇଟି ମ୍ୟାଚ ବାତିଲ ହେବା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଗଲା । ରାୱଲପିଣ୍ଡି ଗ୍ରାଉଣ୍ଡରେ ଟସ ବିନା ବାତିଲ ହୋଇଥିବା ମ୍ୟାଚ ପାଇଁ ପିସିବିକୁ ଟିକେଟ ଟଙ୍କା ମଧ୍ୟ ଫେରସ୍ତ କରିବାକୁ ପଡିଥିଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ